ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.69 Bhubaneswar Sunday 24 2022 ୨୫ତମ ବର୍ଷ ସଂଖ୍ୟା–୬୯ ଭୁବନେଶ୍ୱର, ରବିବାର, ଅପ୍ରେଲ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

୨୫ରୁ ତିନି ଦିନ ପର୍ଯ୍ୟନ୍ତ ନିଆଁ ବର୍ଷିବ !

ଭୁବନେଶ୍ୱର,୨୩।୪(ପି.ଏନ): ରାଜ୍ୟରେ ଫେରିବ ଗ୍ରୀଷ୍ମ ପ୍ରବାହ। ଉତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ରାଜ୍ୟକୁ ପ୍ରବେଶ କରୁଥିବା ଉତପ୍ତ-ଶୁଷ୍କ ବାୟୁ ଏବଂ ଅତ୍ୟାଧିକ ସୂର୍ଯ୍ୟ ଉତାପ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନ ତାପମାତ୍ରା ଆଗାମୀ ୩ ଦିନ ମଧ୍ୟରେ ୩ ରୁ ୫ ଡ଼ିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୪୦ଡ଼ିଗ୍ରୀ କିମ୍ବା ଅଧିକ ତାତି ରେକର୍ଡ ହୋଇପାରେ। ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ବା ହିଟ୍ ୱେଭ୍ ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୫ ତାରିଖରେ ରାଜ୍ୟର ବଲାଙ୍ଗୀର, ବୌଦ୍ଧ, ଏବଂ ସୋନପୁର ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ସେହିପରି ୨୬ ତାରିଖରେ ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ମୟୁରଭଂଜ ଏବଂ ୨୭ ତାରିଖରେ ବଲାଙ୍ଗୀର, ବୌଦ୍ଧ, ସୋନପୁର, ମୟୁରଭଂଜ ଏବଂ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦେଖାଦେବ। ଏହାକୁ ଦୃଷ୍ଟିରେ ରଖି ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଶିଶୁ , ବୟସ୍କ ଏବଂ ଅସୁସ୍ଥ ଲୋକ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ସେମାନଙ୍କର ଯତ୍ନ ନେବା ସହ ଦିନ ୧୧ ଟାରୁ ୩ ଟା ମଧ୍ୟରେ ବାହାରକୁ ଯାଉଥିଲେ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର।

ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେପିର ୪ ନେତା ବହିଷ୍କୃତ

ଭୁବନେଶ୍ୱର, ୨୩।୪(ପି.ଏନ): ଜଗତସିଂହପୁର ଜିଲ୍ଲା ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି ଅଜିତ୍ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଓ ପାରାଦ୍ୱୀପ ନଗର ପୂର୍ବତନ ମଣ୍ଡଳ ସଭାପତି କୈଳାଶ ଚନ୍ଦ୍ର ସାହୁ, ମହିଳାମୋର୍ଚ୍ଚା ଜିଲ୍ଲା ଉପସଭାନେତ୍ରୀ ଶ୍ରୀମତୀ ଶୈଳେନ୍ଦ୍ରି ସେନାପତି ଏବଂ ଜିଲ୍ଲା ସମ୍ପାଦକ ଅରୁଣ କୁମାର ସ୍ୱାଇଁଙ୍କୁ ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଜଗତସିଂହପୁର ଜିଲ୍ଲା ସଭାପତିଙ୍କ ସୁପାରିଶ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ସେମାନଙ୍କୁ ବହିଷ୍କାର କରାଯାଇଛି ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ଖୋଲୁଛି ସିଲସିଲା ବେହେରାଙ୍କ କ୍ରାଇମ୍ ରେକର୍ଡ

ଭୁବନେଶ୍ୱର,୨୩।୪(ପି.ଏନ) : ନିଜକୁ ସମାଜସେବୀର ପରିଚୟ ଦେଉଥିଲେ ସିଲସିଲା ବେହେରା। ହେଲେ ଏବେ ସେ ସାଙ୍ଘାତିକ ଅଭିଯୋଗରେ ଫସିଛନ୍ତି। ସେ ସୁପାରୀ ଦେଇ ନିଜ ଇଂଜିନିୟର ସ୍ୱାମୀ ବିନାୟକ ବେହେରାଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଏହାକୁ ନେଇ ସିଲ୍?ସିଲା ଚର୍ଚ୍ଚାରେ ଥିବା ବେଳେ ସାମ୍ନାକୁ ଆସିଛି ତାଙ୍କ ପୁରୁଣା କ୍ରାଇମ୍ ରେକର୍ଡ।ଅଭିଯୋଗରୁ ଜଣାପଡିଛି, ଅନୁଗୋଳ ରହୁଥିବା ଏକ ପରିବାରରେ ପାରିବାରିକ କଳହ ଲାଗିଥିଲା। ଏହାର ସମାଧାନ କରିବା ପାଇଁ ସିଲସିଲା ମଧ୍ୟସ୍ତି ସାଜିଥିଲେ। ନକଲି NHRC ଅଧ୍ୟକ୍ଷ ସାଜି ସଂପୃକ୍ତ ପରିବାରଠୁ ୩ ଲକ୍ଷ ଟଙ୍କା ଦାବି କରିଥିଲେ ସିଲ୍‌ସିଲା। ଟଙ୍କା ନଦେଲେ ମିଛ ମାମଲାରେ ଫସାଇ ଦେବାର ଧମକ ଦେଇଥିଲେ। ସେତେବେଳେ ସିଲସିଲା ବ୍ୟବହାର କରିଥିବା ଗାଡ଼ିର ଫଟୋକୁ ସାଇତି ରଖିଛନ୍ତି ଅଭିଯୋଗକାରିଣୀ।ଏ ନେଇ ଗତ ୨୦୨୦ ମସିହାରେ ତାଳଚେର ଥାନା ଅଭିଯୋଗ ହୋଇଥିଲା। ପୁଲିସ୍



କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଉକ୍ତ ପରିବାର ୨୦୨୧ ମସିହାରେ ଅନୁଗୋଳ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସବୁଆଡୁ ନିରାଶ ହେବା ପରେ ଉକ୍ତ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମାମଲା ତଦନ୍ତ କରି ପୁଲିସ୍ ସିଲସିଲାଙ୍କ ସମେତ ୫ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।ସେପଟେ ସ୍ୱାମୀଙ୍କୁ ହତ୍ୟା ପାଇଁ ସୁପାରୀ ଦେବା ଓ ଡ୍ରାଇଭରକୁ ସ୍ୱାମୀର ପରିଚୟ ଦେଇ ସୁନ୍ଦରପଦାସ୍ଥିତ ଆପାର୍ଟମେଣ୍ଟରେ ଭଡ଼ାରେ ରହିବା ଭଳି ଅଭିଯୋଗ ପରେ ରାଜଧାନୀରେ ଗଲା କିଛି ଦିନ ଧରି ବେଶ୍ ଚର୍ଚ୍ଚାରେ ଅଛନ୍ତି ଏହି ମହିଳା। ଏ ମାମଲାରେ ମଞ୍ଚେଶ୍ୱର ପୁଲିସ୍ ମହିଳାଙ୍କ ପ୍ରେମିକ ଡ୍ରାଇଭର ଅଶୋକ ସାହୁକୁ ଗିରଫ କରିଥିବା ବେଳେ ସିଲ୍?ସିଲା ଓ ଲକ୍ଷେ ଟଙ୍କାର ସୁପାରୀ ନେଇଥିବା ଦୁଇ ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ପାରିନି ପୁଲିସ୍। ସିଲସିଲାଙ୍କ ଠିକଣା ପାଉନଥିବାବେଳେ ଗଣମାଧ୍ୟମକୁ ବୟାନ ଦେଇ ତାଙ୍କ ବିରୋଧରେ ସବୁ ଅଭିଯୋଗକୁ ବାଏଁ ବାଏଁ ଉଡାଉଛନ୍ତି ସିଲ୍‌ସିଲା।ସୁନ୍ଦରପଦା ଆପାର୍ଟମେଣ୍ଟରେ ରହୁଥିବା ସିଲସିଲା ନିଜ ନାଁ ବଦଳାଇ ଏଠାରେ ଛଦ୍ମ ନାମରେ ରହୁଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ତା' ସହ ରାଜଧାନୀର ଚନ୍ଦ୍ରଶେଖରପୁର ଓ ମଞ୍ଚେଶ୍ୱର ତାଙ୍କ ବିରୋଧରେ ଦୁଇ ଦୁଇଟି ମାମଲା ଥିବା କଥା ଜଣାପଡ଼ିଛି। ତେଣୁ ଏହି ମହିଳାଙ୍କ କ୍ରାଇମ୍ ରେକର୍ଡ ଏତିକି ନା ଆହୁରି ଖୋଲିବାକୁ ବାକି ଅଛି, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସିଝୁଛି ସାରା ଓଡିଶା, ୪୦ ଉପରେ ୨୨ ସହର : ରାଜଧାନୀରେ ରେକର୍ଡ ତାତି

ଭୁବନେଶ୍ୱର, ୨୩।୪(ପି.ଏନ): ଚଢୁଛି ପାରଦ। ପ୍ରବଳ ତାତିରେ ସିଝୁଛି ସାରା ଓଡିଶା। ଆକାଶରୁ ନିଆଁ ବର୍ଷୁଛି। ଦିନ ୧୧ ଟା ପରେ ଘରୁ ବାହାରିବା କଷ୍ଟକର ହେଇଯାଉଛି। ଏହାରିମଧ୍ୟରେ ୪୧ ଡିଗ୍ରୀ ଛୁଇଁଛି ଟ୍ୱିନ୍ ସିଟି। ଭୁବନେଶ୍ୱରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୧.୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ୪୧ ଡିଗ୍ରୀ ରେକର୍ଡ ହୋଇଛି। ଆଜି ରାଜ୍ୟର ସବୁଠୁ ଉତପ୍ତ ସହର ହୋଇଛି ଅନୁଗୋଳ। ଏଠାରେ ଦିନର ସର୍ବାଧିକ ତାପମାତ୍ରା ୪୨.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହା ପଛକୁ ୪୧.୭ ଡିଗ୍ରୀ ସହ ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟ ସାରା ଏବେ ଅସହ୍ୟ ଖରା ହେଉଥିବା ବେଳେ ଶନିବାର ୨୨ଟି ସ୍ଥାନର ତାପମାତ୍ରା



୪୦ ଡିଗ୍ରୀ ସେଲସିୟସ ବା ଏହାଠୁ ଅଧିକ ରେକର୍ଡ କରାଯାଇଛି। ସେଥିରୁ ୯ଟି ସ୍ଥାନର ତାପମାତ୍ରା ୪୧ ଡିଗ୍ରୀ ବା ଏହା ଉପରେ ରହିଛି। ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ଦିନ ସାଢେ ୨ ଟା ବେଳକୁ ରାଜଧାନୀର ତାପମାତ୍ରା ୪୧.୨ ଡିଗ୍ରୀ ଛୁଇଁଥିଲା। ଚଳିତ ବର୍ଷ ଏହା ହେଉଛି ରାଜଧାନୀର ସର୍ବୋଚ୍ଚ ତାପମାତ୍ରା। ଏହା ପୂର୍ବରୁ ଭୁବନେଶ୍ୱରରେ ଗତକାଲି ତାପମାତ୍ରା ୪୦.୮ ଡ଼ିଗ୍ରୀ ରେକର୍ଡ କରାଯାଇଥିଲା। ଗତ ୧୮ ତାରିଖରେ ୪୦.୨ ଡ଼ିଗ୍ରୀ ରେକର୍ଡ କରାଯାଇଥିଲା। ସେହିଭଳି ସିଲଭର ସିଟି କଟକର ତାପମାତ୍ରା ଆଜି ୪୧ ଡିଗ୍ରୀ ଛୁଇଁଛି। ସେହିପରି କଟକ ୪୧, ବାରିପଦା ୪୧, ବଲାଙ୍ଗିର ୪୧, ପାରଳାଖେମୁଣ୍ଡିରେ ୪୧ ଡିଗ୍ରୀ , ଢେଙ୍କାନାଳ ୪୧.୫ ଡିଗ୍ରୀ , ଦେବଗଡ଼ ୪୧.୫, ବୌଦ୍ଧ ୪୧.୫, ସୋନପୁର ୪୦.୭ , ଚାନ୍ଦବାଲି ୪୦.୩, ଝାରସୁଗୁଡ଼ା ୪୦.୩ ସମ୍ବଲପୁର ୪୦.୫, ସୁନ୍ଦରଗଡ଼ରେ ୪୦, ଭାବନୀପାଟଣା ୪୦, ଟିଟଲାଗଡ଼ ୪୦.୪, ତାଳଚେର ୪୦.୩, ଭଦ୍ରକ ୪୦.୫ ,ଯାଜପୁର ୪୦.୨, ନୂଆପଡ଼ା ୪୦.୨, ଜଗତସିହଂପୁର ୪୦.୨ ତାପମାତ୍ରା ରେକର୍ଡ ହୋଇଛି।

ଖୋଲିଲା ହାଇ ମି ଅପ୍ ରେଷ୍ଟୁରାଂଟ

ଭୁବନେଶ୍ୱର, ୨୩।୪(ପି.ଏନ): ନୟାପଲ୍ଲୀସ୍ଥିତ ଏନ୍-୫ରେ 'ହାଇ ମି ଅପ୍' ରେଷ୍ଟୁରାଂଟର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଷ୍ଟୁରାଂଟକୁ ଉଦ୍‌ଘାଟନ କରି କହିଲେ ଯେ, ଏହି ରେଷ୍ଟୁରାଂଟରେ ସମସ୍ତ ପ୍ରକାର ଖାଦ୍ୟ ଉପଲବ୍ଧ ହେବା ସହିତ ସୁଲଭ ମୂଲ୍ୟରେ ଓ ସ୍ୱାଦଯୁକ୍ତ ହୋଇଥିବାରୁ ଏହା ଗ୍ରାହକମାନଙ୍କର ପ୍ରଥମ ପସନ୍ଦ ହେବ। ସେହିପରି ଗ୍ରାହକମାନଙ୍କ ପସନ୍ଦକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ରେଷ୍ଟୁରାଂଟ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶ୍ରୀରାମ ଦାସ, ଏସ୍.କେ. ଦାସ ପ୍ରମୁଖ ଯୋଗଦେଇ ରେଷ୍ଟୁରାଂଟର ସଫଳତା କାମନା କରିଥିଲେ। ଏହି ଉତ୍ସବରେ ବହୁ ଅତିଥି ଓ ନୂତନ ଗ୍ରାହକମାନେ ଯୋଗ ଦେଇଥିଲେ। ଶେଷରେ ସଙ୍ଗୀତ ଅର୍କେଷ୍ଟାର ଆୟୋଜନ କରାଯାଇଥିଲା। ଉତରାଧିକାରୀ ଆଦର୍ଶ ରଞ୍ଜନ ସ୍ୱାଇଁ ଓ ଦୀପକ ରଞ୍ଜନ ସ୍ୱାଇଁ ସମସ୍ତ ଅତିଥି ଓ ଗ୍ରାହକମାନଙ୍କୁ ସ୍ୱାଗତ କରିଥିଲେ।

ଜିଲ୍ଲାପାଳଙ୍କ ଗାଡିକୁ ପଥର ମାଡ

ବାରିପଦା ୨୩।୪(ପି.ଏନ): ଜିଲ୍ଲାପାଳଙ୍କ ଗାଡିକୁ ପଥର ମାରିଲେ ଲୋକେ। ଏଥିରେ ଗାଡିଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲାପାଳ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳରେ।ଅପରାହ୍ନ ପ୍ରାୟ ୫ଟା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ବାରିପଦାରୁ ବାଙ୍ଗରିପୋଷି ଆଡକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। କୁଳିଆଣି ଥାନା ଅନ୍ତର୍ଗତ ସୌରୀ ନିକଟରେ ଲୋକେ ରାସ୍ତାରୋକ କରିଥିଲେ। ସ୍ଥାନୀୟ ଲୋକଙ୍କ ସହିତ ଆଖପାଖ ଆଉ ୫ ଖଣ୍ଡ ଗାଁର ଲୋକେ ପଞ୍ଚାୟତ ଅଫିସ୍ ସ୍ଥାନାନ୍ତର ଦାବିରେ ଏନ୍‌ଏଚ୍-୧୮କୁ ସେଠାରେ ଅବରୋଧ କରିଥିଲେ।ରାସ୍ତାରୋକ ବେଳେ ଜିଲ୍ଲାପାଳ ସେଠାରେ ପହଞ୍ଚିଥିଲେ। ଲୋକେ ଜିଲ୍ଲାପାଳଙ୍କୁ ଅଟକାଇ ଥିଲେ। ସେମାନେ ତାଙ୍କ ଗାଡି ଆଗରେ ପଥର ଥୋଇ ଦେଇଥିଲେ। ଲୋକେ ଜିଲ୍ଲାପାଳଙ୍କ ସହିତ ସେମାନଙ୍କ ଦାବି ସଂପର୍କରେ ଆଲୋଚନା କରିବାକୁ ଚାହୁଁଥିଲେ। ତେବେ ଜିଲ୍ଲାପାଳ ସେମାନଙ୍କ ସହିତ ଆଲୋଚନା କରି କିଛି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସେଠାରୁ ଚାଲିଯିବା ପାଇଁ ପ୍ରୟାସ କରିବାରୁ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରୁ କେହି ତାଙ୍କ ଗାଡିକୁ ପଥର ମାରିଥିଲେ। ପଥର ମାଡରେ ଗାଡିର ପଛ କାଚ ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା। ତେବେ ଜିଲ୍ଲାପାଳଙ୍କର କିଛି ହୋଇ ନାହିଁ। ସେ ସୁରକ୍ଷିତ ଅଛନ୍ତି।ଏହି ଘଟଣା ପରେ ପୁଲିସ୍ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲା। ଏହା ସହିତ ବୁଝାସୁଝା କରି ସେଠାରୁ ଲୋକଙ୍କୁ ହଟାଇ ଥିଲା। ଘଟଣା ସଂପର୍କରେ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।ସୂଚନାଯୋଗ୍ୟ, କୁଳିଅଣା ବ୍ଲକ୍?ର ଭଗବାନପୁର ପଞ୍ଚାୟତର ନୂଆ କାର୍ଯ୍ୟାଳୟ କୋଠା ନୂଆଗାଁରେ କରିବାକୁ ଦାବି କରି ଆଜି ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପାଞ୍ଚ ଛଅଟି ଗାଁର ଲୋକେ ଦିନ ପ୍ରାୟ ୨ଟାରୁ ସେମାନେ ରାସ୍ତାରୋକ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା।

ବଲାଙ୍ଗିର ମେଡିକାଲ କଲେଜ ଛାତ୍ରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣାରେ ସାଇଂଟିଫିକ ଟିମର ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୨୩।୪(ପି.ଏନ): ବଲାଙ୍ଗିର ମେଡିକାଲ କଲେଜ ଛାତ୍ରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣାରେ ହଷ୍ଟେଲର ୩୧୨ ନଂ ରୁମରେ ପହଂଚି ସାଇଂଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ ମୃତ ଛାତ୍ରଙ୍କ ମାମୁ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଉଲ୍ଲେଖନୀୟ ଯେ ଗତକାଲି ହଷ୍ଟେଲ ଛାତ୍ରୁ ପଡ଼ି ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ମୃତ ଛାତ୍ରଙ୍କ ପରିବାର ଲୋକେ ତାଙ୍କୁ ରାଗିଂ କରାଯାଉଥିଲା ବୋଲି ଅଭିଯୋଗ କରିଥିଲେ ।

ଓଡ଼ିଶା ବିଧାନସଭା ପ୍ରସ୍ତୁତ ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ସମ୍ମାନିତ

ଭୁବନେଶ୍ୱର, ୨୩।୪(ପି.ଏନ): ଓଡ଼ିଶା ବିଧାନସଭା ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା ଶାଖା ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପକୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇଛି । ଆଜି ଉତରପ୍ରଦେଶର ପ୍ରୟାଗରାଜଠାରେ ମୋତିଲାଲ ନେହେରୁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଭାରତୀୟ କର୍ମଶାଳାରେ ଓଡ଼ିଶା ବିଧାନସଭାକୁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ତରଫରୁ ୧୯ତମ ସିଏସ୍‌ଆଇ ଏସ୍‌ଆଇଜି ଇ-ଗଭର୍ଣ୍ଣାନ୍ସ ଆୱାର୍ଡସ ୨୦୨୧ ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଏକଦିବସୀୟ କର୍ମଶାଳାରେ ଭାରତରୁ ବଛା ବଛା ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପଗୁଡ଼ିକୁ ମନୋନୀତ କରାଯାଇ ଏହା ଉପରେ ବକ୍ତାମାନଙ୍କ ତରଫରୁ ଆଲୋକପାତ କରାଯାଇଥିଲା । ଏଥିରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ ଭାଗନେଇ ଓଡ଼ିଶା ବିଧାନସଭାର ପେପରଲେସ୍ ଅଫିସ୍ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଓଡ଼ିଶା ବିଧାନସଭା ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି), ଓଡ଼ିଶା ଶାଖା ତରଫରୁ ଦିଆଯାଇଥିବା ପ୍ରୋଜେକଫ 'ଓଡ଼ିଶା ଆସେମ୍ବ୍ଲି ଜର୍ଣ୍ଣି ଟୁୱାର୍ଡସ୍ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ (ପେପରଲେସ୍ ଆସେମ୍ବ୍ଲି)'କୁ ପୁରସ୍କୃତ କରାଯାଇଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶରେ ବିଧାନସଭା ସଚିବ ଶ୍ରୀ ଶତପଥୀ, ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀମତୀ କବିତା ରାୟ ଦାସ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ଶ୍ରୀମତୀ ସରିତା ସାହୁ, ବିଧାନସଭାର ଉପନିର୍ଦ୍ଦେଶିକା (ଗ୍ରନ୍ଥାଗାର) ଶ୍ରୀମତୀ ଆରତୀ ମିଶ୍ର, ମୁଖ୍ୟ ଅତିଥି, ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଅଜିତ ସିଂଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ସୌଜନ୍ୟରୁ ମୁଖ୍ୟ ଅତିଥିଙ୍କୁ ଜଗନ୍ନାଥଙ୍କର ଏକ ପ୍ରତିମୂର୍ତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ଅକ୍ଳାନ୍ତ ପରିଶ୍ରମ କରି ଓଡ଼ିଶା ବିଧାନସଭାର ସମସ୍ତ ବିବରଣୀ, ଦସ୍ତାବିଜ୍ ଓ ନଥିପତ୍ରକୁ ଡିଜିଟାଲାଇଜ୍ କରିବା ସହିତ ଏହି କଷ୍ଟଲବ୍ଧ ପ୍ରକଳ୍ପକୁ ପ୍ରସ୍ତୁତ କରିଥିବା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ବିଧାନସଭାରେ ଆହୁରି ଅନେକ ନୂତନତ୍ୱ ଅଣାଯିବ ।

ଆରମ୍ଭ ହେଲା ଆଦିବାସୀ ମେଳା : ଆଦିବାସୀ ମେଳା ହେଉଛି ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଏକ ମହାନ୍ ପରମ୍ପରା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୪(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ସ୍ତରୀୟ ଆଦିବାସୀ ମେଳାର ଉଦ୍‌ଘାଟନ କରିଛନ୍ତି। ଏହା ସହିତ ଜନଜାତି ହାଟ ଓ ଜନଜାତି କଳା ପ୍ରଦର୍ଶନୀକୁ ମଧ୍ୟ ଉଦଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀ ମେଳା ଏବେ କେବଳ ଗୋଟିଏ ମେଳା ହୋଇ ରହି ନାହିଁ,ଏହା ଏକ ପରମ୍ପରା ହୋଇଯାଇଛି। ଆମ ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଓ ଅନୁଭବ କରିବାର ଏହା ଏକ ମହାନ ପରମ୍ପରା ବୋଲି ସେ କହିଛନ୍ତି ।ମୁଖ୍ୟମନ୍ତ୍ରୀ କହିଥଲେ ଯେ, ଆମର ଆଦିବାସୀ ଭାଇଭଉଣୀମାନେ ଯେଉଁ ଜିନିଷ ଉତ୍ପାଦନ କରନ୍ତି, ତା ପାଇଁ ଏହି ମେଳାରେ ଏକ ଭଲ ମାର୍କେଟ ମଧ୍ୟ ସୃଷ୍ଟି ହୋଇଥାଏ । ଜନଜାତିମାନଙ୍କର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ଏହା ଏକ ଭଲ ପ୍ଲାଟ

ଟି ଟାଇମ୍

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,

ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ

ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟା

ବିଶ୍ୱ ପୁସ୍ତକ ଦିବସ

ଏପ୍ରିଲ ୨୩ ତାରିଖ। ଏହି ଦିବସଟି ବିଶ୍ୱ ପୁସ୍ତକ ଦିବସରୂପେ ସର୍ବତ୍ର ପାଳିତ ହୁଏ। ବିଶେଷକରି ବିଦ୍ୱାନ ଓ ପୁସ୍ତକ ପ୍ରେମୀଙ୍କ ପାଇଁ ଏ ଦିବସଟିର ତାତ୍ପର୍ଯ୍ୟ ବେଶୀ। ଏମାନଙ୍କ ବ୍ୟତୀତ ବିଭିନ୍ନ ପାଠାଗାର, ପୁସ୍ତକମେଳା ଏବଂ ଶିକ୍ଷାନୁଷ୍ଠାନ ସହିତ ସଂପୃକ୍ତ,ବ୍ୟକ୍ତିମାନେ ଏହାକୁ ବୃହତ ଆକାରରେ ପାଳନ ମଧ୍ୟ କରୁଅଛନ୍ତି। ଯେଉଁମାନେ ପୁସ୍ତକଠାରୁ ଦୂରରେ, ଯେଉଁମାନେ ସେମାନଙ୍କ ସୀମିତ ଶିକ୍ଷାସାରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ, ଯେଉଁମାନେ ଅଧିକ ଜ୍ଞାନ ଆହରଣରେ ଆଗ୍ରହୀ ନୁହଁନ୍ତି, ଯେଉଁମାନେ ଅନ୍ଧତ୍ୱ ଭିତରେ ସଦା ବୁଡ଼ିରହିବାକୁ ଚାହାନ୍ତି,ସେହିମାନେ ହିଁ ଏ ଦିବସର ତାତ୍ପର୍ଯ୍ୟ ତଥା ପୁସ୍ତକ ପଠନର ମହତ୍ୱ ବୁଝିପାରନ୍ତି ନାହିଁ।

ବିଶ୍ୱ ପୁସ୍ତକ ଦିବସ ଏକ ଆନ୍ତର୍ଜାତୀୟ ଦିବସ। ଏଠାରେ ମନେ ରଖିବା ଉଚିତ୍ ଯେ ଆମେ ଯେଉଁ ଦିବସଗୁଡ଼ିକ ଲିଖନ କ୍ଷେତ୍ରର ପାଳନ କରୁଥାଏ, ସେଗୁଡ଼ିକର ନିଶ୍ଚିତ ଭାବରେ ଯଥେଷ୍ଟ ଗୁରୁତ୍ୱ ରହିଛି। ଆମ ଦୈନନ୍ଦିନ ଜୀବନରେ ପୁସ୍ତକଗୁଡ଼ିକର ସେହିପରି ପ୍ରଭାବ ଥିବାରୁ ଏବଂ ଜୀବନର ଚଲାପଥରେ ଦିଗ୍‌ଦର୍ଶକ ହିସାବରେ କାର୍ଯ୍ୟ

କରୁଥିବାରୁ, ପୁସ୍ତକମାନେ ଆମ ପାଇଁ ବାଞ୍ଛନୀୟ। ଯେକୌଣସି ଭାଷା ହିଁ ଜ୍ଞାନର ପ୍ରବେଶ ଦ୍ୱାର। ଭାଷା ଶିକ୍ଷାର ବିଭିନ୍ନ କୌଶଳ ଅଛି ଯଥା – ଶ୍ରବଣ ଶିକ୍ଷା, ପଠନ ଶିକ୍ଷା ଏବଂ ବିଜ୍ଞାନ ଶିକ୍ଷା। ଶ୍ରବଣ ଶିକ୍ଷାରୁ ବୁଝିବା ଏବଂ କହିବା ହୋଇଥାଏ। ଏ ଦୁହେଁ ଭାଷା ଶିକ୍ଷାର ପ୍ରାରମ୍ଭିକ ଓ ମୌଖିକସ୍ତର ଅଟନ୍ତି। ଲିପି ଉଦ୍ଭାବନ ପରଠୁ ପଠନ ଓ ଲିଖନ ପ୍ରଶ୍ନ ଉଠିଲା। ଏଗୁଡ଼ିକ ଭାଷା ଶିକ୍ଷାର ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟସ୍ତର। ପୁସ୍ତକ ପଠନ ଏବଂ ଜ୍ଞାନ ଆହରଣ ଏବଂ ତହିଁରୁ ଭାବାରାଜିର ଉଦ୍‌ଗୀରଣ ଏହି ଦ୍ୱିତୀୟ ଏବଂ ତୃତୀୟ ସ୍ତର ଅନ୍ତର୍ଗତ। ଭାଷା ମାଧ୍ୟମରେ ଭାବର ବିନିମୟ ଘଟେ। ଭାଷା ମାଧ୍ୟମରେ ଲିଖିତଭାବେ ପ୍ରକାଶ କଲେ, ତାହା ହୁଏ ଭବିଷ୍ୟତ ପାଇଁ ଲିପବଦ୍ଧ ଦଲିଲ। ଏହା ଆଗାମୀ ଦିନପାଇଁ ସାଇତି ରଖେ। ଏ ପୃଥିବୀ ଏବଂ ମଣିଷର ଇତିହାସ-ତା' ସୃଷ୍ଟି, ତା' ବିକାଶ ବା ପ୍ରଗତି ଏବଂ ସର୍ବୋପରି ଭବିଷ୍ୟତପ୍ରତି ପରଣତିର ସୂଚନା ଦେଇ ସାବଧାନତା ଏବଂ ସତର୍କ କରାଏ ଅଥବା ବଂଚିବାର ପ୍ରେରଣା ଦିଏ। ଭାଷା ଲିପି ଆକାରରେ ପଥରରେ ଖୋଦିତ ଶିଳାଲିପି ହେଉ, ତାଳପତ୍ରରେ ଲିଖିତ ପୋଥି ହେଉ କିମ୍ବା ଧଳା ଓ କଳାର ସମାହାରର କାଗଜ ଖଣ୍ଡିଏ ହେଉ, ଏମାନେ ସମସ୍ତେ ବହି ବା ପୁସ୍ତକ ଯାହାକି ଅତୀତର ଭବିଷ୍ୟତ ପାଇଁ ମୂକସାକ୍ଷୀ। ଅତୀତକୁ ନ ଜାଣିଲେ ବର୍ତମାନର ସମ୍ଭାବନା ନାହିଁ ଏବଂ ଭବିଷ୍ୟତକୁ ହାତ ବଢ଼ାଇବା ଏକ ବ୍ୟର୍ଥ ପ୍ରଚେଷ୍ଟା।

କହିଛେ ଭାଷା ହିଁ ଜ୍ଞାନର ପ୍ରବେଶ ଦ୍ୱାର। ଏହା ଯଦି ସତ୍ୟ, ତେବେ ପୁସ୍ତକଟିର ଜ୍ଞାନର ଅସରନ୍ତି ଭଣ୍ଡାର ନିଶ୍ଚିତ। ଖଣ୍ଡିଏ ବହି, ସେ କାବ୍ୟ କି କବିତା ହେଉ, ପ୍ରବନ୍ଧ ହେଉ, ଗଳ୍ପ କି ଉପନ୍ୟାସ ହେଉ, ଅଥବା ନାଟକ ହେଉ, ଯେଉଁ ଆକାରରେ ଥାଉ ତାହା ହେଉଛି ବେଷ୍ଟ ପ୍ରଡ଼କସନ୍ ଅଫ ଦି ଗ୍ରେଟେଷ୍ଟ ମାଇଣ୍ଡ୍। ଅର୍ଥାତ୍ ଏହା ହେଉଛି ଏକ ମହାନ ବ୍ୟକ୍ତିତ୍ୱର ସର୍ବୋତ୍କୃଷ୍ଟ ଅବଦାନ। ଏଇଟା ସତ୍ୟ ଯେ ଆମେ ମହାପୁରୁଷମାନଙ୍କର ଅଥବା ମହା ମହିମମାନଙ୍କର ପଦାଙ୍କ ଅନୁସରଣ କରି ନିଜ ଜୀବନର ଗତିପଥକୁ ନିୟନ୍ତ୍ରିତ କରିଥାଉ। ସେମାନଙ୍କର ଆଦର୍ଶ ଏବଂ କାର୍ଯ୍ୟାବଳୀ ଆମ ଜୀବନର ନାବର କାତପରି। ସେମାନଙ୍କ ଜୀବନର ଅନେକ କିଛି ଆମ ଜୀବନରେ ପ୍ରତିଫଳିତ।

ପଢ଼ି ପଢ଼ାଯାଏ କାହିଁକି ? କିଛି ଜ୍ଞାନ ଆହରଣ କରିବୁ, କିଛି ଶିଖିବୁ; କିଛି କରିବୁ; କିଛି ଶିଖାଇବୁ ଏବଂ କିଛି କରିକି ଦେଖେଇଦେବୁ। ଏହିପରି ପ୍ରମାଣ ଇତିହାସରେ ଭରପୂର। ଏହା ଚରିତ୍ର ଗଠନରେ ସଂପୂର୍ଣ୍ଣ ସହାୟକ ହୋଇଥାଏ। ପ୍ରକୃତରେ ବହିର ପ୍ରଭାବ ଆମ ଜୀବନ ଉପରେ କିପରି ପଡ଼ିଥାଏ ଗୋଟିଏ ଦୃଷ୍ଟାନ୍ତ

ଦେଇ ଆଲୋଚନା କଲେ ଭଲହେବ।

ଗାନ୍ଧି ପିଲାଦିନରୁ ସତ୍ୟ କହିଥାଇ ପାରନ୍ତି; କିନ୍ତୁ ସେ ଯେ ସତ୍ୟ ଏବଂ ଅହିଂସାର ପଥିକ ଥିଲେ ସେମିତି କିଛି ପ୍ରମାଣ ନାହିଁ। ସ୍ୱାଧୀନତା ପାଇଁ ସତ୍ୟ ଏବଂ ଅହିଂସାକୁ ଅସ୍ତ୍ରରୂପେ ପ୍ରୟୋଗ କରିବେ ଏପରି କଳ୍ପନା ତାଙ୍କର ପ୍ରଥମରୁ ବୋଧେ ନଥିଲା। ସେ ଯେତେବେଳେ ଇଂରାଜୀ ଦାର୍ଶନିକ ଥୋରିଓଙ୍କ ଦର୍ଶନ ପଢ଼ିଲେ ସେତିକିବେଳେ ଜାଣିଲେ ଯେ ହିଂସା ବିରୁଦ୍ଧରେ ଲଢ଼ି ବିନା ରକ୍ତରେ ଗଡ଼ ଜିତିବା ପାଇଁ ସତ୍ୟ ଏବଂ ଅହିଂସା ହିଁ ଏକ ଅମୋଘ ଅସ୍ତ୍ର। ଥୋରିଓ ନିଜସ୍ୱ ତଥ୍ୟକୁ କାର୍ଯ୍ୟରେ ପରୀକ୍ଷା କରିନଥିଲେ ଅଥଚ ଗାନ୍ଧୀଜୀ ଥୋରିଓଙ୍କ ଲିଖିତ ବହିରୁ ଏହାକୁ ପଢ଼ି କାର୍ଯ୍ୟରେ ପ୍ରମାଣିତ କରାଇଦେଲେ। ଗାନ୍ଧୀଜୀ ଯଦି ଥୋରିଓଙ୍କ ଦର୍ଶନଦ୍ୱାରା ପ୍ରଭାବିତ ହୋଇନଥାନ୍ତେ, ତାହା ହେଲେ ଏତେବଡ଼ କଥା ସେ ସମ୍ଭବ କରିପାରିଥାନ୍ତେ କି ? ଗୋଟିଏ ବହି ପଠନଦ୍ୱାରା ଗୋଟାଏ ଦର୍ଶନର ସାହାଯ୍ୟରେ ପୃଥିବୀରେ କେତେବଡ଼ କଥା ହୋଇନଗଲା ? କେତେ କଥା ବି ନହେଉଛି ?

ଏକଥା ଭାବିଲେ ଅସ୍ୱୀକାର କରିବା ନାହିଁ ଯେ, ରାବଣର ପୁଷ୍ପକ ବିମାନ ପଠନରୁ ଏବେର ଉଡ଼ାଜାହାଜ ଜନ୍ମ ନେଇଛି। ନାରଦଙ୍କ କଠଉରୁ ଏବେର ମହାକାଶ ଅଭିଯାନ ଆରମ୍ଭ ନହୋଇଛି ? ପୁସ୍ତକକୁ ନେଇ ଅତୀତର ସ୍ୱାଦ ଆମେ ବର୍ତମାନ ଚାଖୁଛୁ। ପ୍ରତିଟି ଆବିଷ୍କାର ଓ ଉଦ୍ଭାବନର କାହାଣୀ ଆମକୁ ଆଗକୁ ଆଗକୁ ଆହୁରି ଆଗେଇ ନେଇଛି। ଏପରିକି ଜଣେ ଛାଡ଼ି ଯାଇଥିବା କାହାଣୀକୁ ଆଉଜଣେ ସେଇଠୁ ଆରମ୍ଭ କରୁଛି ପୁଣି ଆଗକୁ। ଏହି ପୁସ୍ତକରୁ ଜଣଙ୍କର ଅକୃତ କାର୍ଯ୍ୟର କାହାଣୀରୁ ଆଉ ଜଣଙ୍କର କୃତକାର୍ଯ୍ୟର କାହାଣୀ ମୁଣ୍ଡ ଟେକୁଛି।

ପୁସ୍ତକ ଶିକ୍ଷାଦିଏ ଆମକୁ ଇତିହାସର କାହାଣୀ – ଆକବର ଓ ଔରଙ୍ଗଜେବ୍‌ଙ୍କ କଥା। ଜଣେ ସୁଶାସକ ହିସାବରେ ଆଦରର ପାତ୍ର ଥିଲାବେଳେ ଆଉ ଜଣେ ଘୃଣାର ପାତ୍ର ଏବଂ ସେଇ ଅନୁସାରେ ଶିକ୍ଷା ଦେଉଛି ଆମେ ନିଜକୁ କୋଉ ଆଦର୍ଶରେ ଗଢ଼ିବା। ଇଏ ଶିଖଉଛି ଶିବାଜୀଙ୍କର ଦେଶପ୍ରୀତି; ଇଏ ଶିଖେଉଛି କାହାପାଇଁ କେମିତି ରଣନୀତି ଅଥବା କୋଉଠି କେମିତି ରାଜନୀତି।

"A book is our unfailing friend." ଅର୍ଥାତ୍ ବହିଟିଏ ଆମର ଚିର ସହଚର ବା ବନ୍ଧୁ। ଇଏ ଦୁଃଖ ବା ସୁଖରେ ଆମ ସାଥୀରେ ଅଛି। ଯେତେବେଳେ ଆମ ନିଜର ସମସ୍ତେ ଆମମାନଙ୍କୁ ତ୍ୟାଗକରି ଚାଲିଯିବେ, ସେତେବେଳେ ଆମର ସାଥୀଥିବ ଏହି ବହିଖଣ୍ଡିକ। ଅବସର ବିନୋଦନ ପାଇଁ ଏକା ଏହି ପୁସ୍ତକ। କୌଣସି ଯାତ୍ରା ବେଳେ କ୍ଲାନ୍ତ ଓ ସମୟ ମେଂଟାଇବା ପାଇଁ ବହିଟିଏ ପାଖରେ ଥିଲେ ତ' କେତେ କଥା। ସିଏ ଆମକୁ ନୀରବରେ ଏକାଏକା ହସାଏ, କନ୍ଦାଏ କିମ୍ବା ସମବେଦନାରେ ଆଖିରୁ ବେଳେବେଳେ ଲୁହ ବୁହାଇଦିଏ। ପରିଶେଷରେ ଏତିକି କୁହାଯାଇପାରେ ଯେ ଯାହାକିଛି ଏ ଜୀବନକୁ ସୁନ୍ଦର ଏବଂ ଏକ ପିଚ୍ଛିଳ ରାସ୍ତାରେ ଆଗେଇ ନେବାରେ ସାହାଯ୍ୟକରେ ଏବଂ ଶେଷ ଦଶାଯାଏଁ କର୍ମବିଚ୍ୟୁତି ନହେବାରେ କିଛି କହୁଥାଏ, ତାହା ହେଉଛି ଏହି ପୁସ୍ତକ। ଅତଏବ ପୁସ୍ତକ ପଠନ ସମସ୍ତଙ୍କର ଏକ ଅଭ୍ୟାସ ହେବା ଉଚିତ୍। କିଛି ସମୟ ଅଧ୍ୟୟନରେ ବିନିଯୋଗ କଲେ, ଉପକୃତ ହେବାଟା ସତ।

ବିପିନବିହାରୀ ମହାନ୍ତି
-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

—ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ...—

ଦୟାଭାବ ଓ ନିସ୍ୱାର୍ଥପରତା ସହ ସେବା

ଦୟାଭାବ ଓ ନିଃସ୍ୱାର୍ଥପରତା ସହ କରାଯାଉଥିବା ସେବା ହିଁ ପ୍ରକୃତ ସେବା। ବନ୍ଧୁ ଭାବର ତଥା ଶ୍ରଦ୍ଧାପୂର୍ବକ କରାଯାଉଥିବା ସେବା ହିଁ ପ୍ରଶାନ୍ତି ନିଳୟମକୁ ପଡ଼ିଥିବା ରାଜପଥ। ଭଗବାନ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଯେ, ଏ ଜୀବନ ସ୍ୱାର୍ଥରହିତ ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ, ସ୍ୱାର୍ଥପର ଅଭିଳାଷ ପୂରଣ କରିବା ପାଇଁ ନୁହେଁ। ମାନବ ଜାତିର ଏକତ୍ୱ ଉପଲବ୍ଧ ହୋଇପାରିବ କେବଳ ନିଃସ୍ୱାର୍ଥ ସେବା ମାଧ୍ୟମରେ। ନିଃସ୍ୱାର୍ଥ ସେବା ହିଁ କର୍ମଯୋଗର ରହସ୍ୟ। ଏପରି ନିଃସ୍ୱାର୍ଥପର ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନେ ସମାଜରେ ସମ୍ମାନ ଲାଭ କରିଥାନ୍ତି ଏବଂ ସମ୍ମାନ ଲାଭ କରିଥିବା ବ୍ୟକ୍ତିମାନେ ଈଶ୍ୱରଙ୍କ କୃପା ଲାଭ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି। ଆମ ସମସ୍ତଙ୍କୁ ଏହି ସତ୍ୟକୁ ଜାଣିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଙ୍ଗେ ସଙ୍ଗେ ତ୍ୟାଗ ଭାବ ଥିବା ଦରକାର। ଯେଉଁ ସେବା କର୍ମରେ ନିଃସ୍ୱାର୍ଥପରତା ଓ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ଭାବ ମିଶିଥାଏ, ତାହା ହିଁ ନିଃସ୍ୱାର୍ଥପର ସେବା ପଦବାଚ୍ୟ। ସମଗ୍ର ମାନବ ଜାତି ପାଇଁ ପ୍ରେମ ଭାବ ହିଁ ଜୀବନି ଶକ୍ତି ତଥା ତ୍ୟାଗର ସୌରଭ। ଜଣେ ଯେତେ ବଡ଼ ମଣିଷ ହୋଇଥାଉ ପଛକେ ତାକୁ ବୁଝିବାକୁ ହେବ ଯେ, ଜୀବନ କେବଳ ନିଃସ୍ୱାର୍ଥପର ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ। ସେବା କଲାବେଳେ ବୃଥା ଆଡ଼ମ୍ବର ନରହି ବିଶାଳ ହୃଦୟ ସହ ପ୍ରେମଭାବକୁ ଅଭିବୃଦ୍ଧି କରିବା ଜରୁରୀ। ସତ୍ୟସାଇ ସଙ୍ଗଠନର କର୍ମୀମାନେ ସଙ୍ଗଠନର ମେରୁଦଣ୍ଡ। ଆମେ ଯେଉଁ ସେବା କରୁନା କାହିଁକି, ତାହା ନିଃସ୍ୱାଥପର ଭାବରେ ହେବା ଉଚିତ। ତାହେଲେ ଯାଇ ଆମେ ଜୀବନର ସର୍ବୋଚ୍ଚ ସୋପାନରେ ପହଞ୍ଚି ପାରିବା।

ଜପ, ଧ୍ୟାନ, ଯଜ୍ଞ, ଶାସ୍ତ୍ରଜ୍ଞାନ, ତୀର୍ଥଯାତ୍ରା ପ୍ରଭୃତି ଆଧ୍ୟାତ୍ମିକ କର୍ମମାନ ନିଃସ୍ୱାର୍ଥ ସେବାର ସମକକ୍ଷ ନୁହଁନ୍ତି। କେବଳ ନିଜ ପାଇଁ ମୁକ୍ତି ଚାହିଁବା ଠିକ୍ ନୁହେଁ, ଅନ୍ୟମାନଙ୍କ ମୁକ୍ତି ପାଇଁ ଉଦ୍ୟମ କରିବା ଉଚିତ ତାହା ହିଁ ପ୍ରକୃତ ସେବା । ପ୍ରତ୍ୟେକ ମଣିଷର ଗୋଟିଏ ଶରୀର ଅଛି, ତାହା ହେଉଛି ରଥସଦୃଶ । ଏଥିରେ ସାରଥି ହେଉଛି ଆତ୍ମା । ଏହା ଏକ ଶାଶ୍ୱତ ସତ୍ୟ ଏବଂ ମାନବ ଜାତିର ବିବିଧତା ମଧ୍ୟରେ ଏକତ୍ୱ, ଏହି ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ । ଭଗବାନ ବାବା ଧରାଅବତରଣ କରିସାରିଲା ପରେ ଏକଦା ଉଦ୍‌ଘୋଷଣା କରି କହିଥିଲେ- 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ । ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ । ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥଃ । ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍ ।।' ସାଇଙ୍କ ର କର୍ମ ହିଁ ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବଜଗତ୍ ମଧ୍ୟରେ ପରିବ୍ୟାପ୍ତ ସେଇ ଚେତନା ଜାଗ୍ରତ କରାଇବା – ପ୍ରତ୍ୟେକ ବ୍ୟକ୍ତି କାହିଁକି, ସଂସାରର ସବୁକିଛିକୁ ରୂପାନ୍ତରିତ କରିବା ।

ଆମେମାନେ ଯେଉଁ କର୍ମ ସମ୍ପାଦନ କରୁଛେ ଏହା ଆମ ନିଜ ପାଇଁ ନା ସମାଜ ପାଇଁ। ଆଜିକାଲି ବହୁତ କମ୍ ଲୋକ ସମାଜ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। କେତେକ କ୍ଷେତ୍ରରେ ସମାଜ ସେବା କରିବାକୁ ଯାଇ ଲୋକେ ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେଇଥାନ୍ତି। କିନ୍ତୁ ଆମ ସମସ୍ତଙ୍କୁ ସାଇ ଚିନ୍ତନ ଓ ସେବାର ମହକକୁ ପ୍ରଚାର ପ୍ରସାର କରିବା ପାଇଁ ଦାସାନୁଦାସ ହୋଇ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ କାମ କରିବାକୁ ପଡ଼ିବ। ବାବା କହିଛନ୍ତି ଆମେ ସମସ୍ତେ ପବିତ୍ର ଆତ୍ମା। ଯେଉଁ କର୍ମୀମାନେ ତ୍ୟାଗଭାବ ନେଇ କର୍ମ କରୁଥାନ୍ତି ବାବା ସେମାନଙ୍କୁ କୃପା ବର୍ଷଣ କରିଥାନ୍ତି। ତ୍ୟାଗ ଠାରୁ ବଡ଼ ଆଉ କ'ଣ ଅଛି ? ଯେଉଁମାନେ ତ୍ୟାଗ ସ୍ୱୀକାର କରନ୍ତି ସେମାନେ ହିଁ ଈଶ୍ୱରଙ୍କର ପ୍ରିୟ। ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶକ୍ତି ଓ ଆକର୍ଷଣ ଏତେ ମହାନ ଓ ବ୍ୟାପକ।

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିଶ୍ୱର ପ୍ରାୟ ସବୁ ଦେଶର ଅଧିବାସୀ ମାନଙ୍କ ମଧ୍ୟରୁ ବେଶ୍ ଆଜି ଉଲ୍ଲେଖଯୋଗ୍ୟ ସଂଖ୍ୟାରେ ଆଜି ଶ୍ରୀ ସତ୍ୟସାଇ ବାବାଙ୍କୁ ଭଗବାନଙ୍କ ପୂର୍ଣ୍ଣ ଅବତାର ଭାବରେ ଗ୍ରହଣ କରିସାରିଲେଣି। ସମସ୍ତ ଧର୍ମ ସ୍ୱୀକାର କରେ ଯେ ଭଗବାନ କରୁଣା ବଳରେ ମଣିଷ ଜୀବନର ସାର୍ଥକତା ପ୍ରତିପାଦିତ ହୋଇପାରିବ, ଏକଥା ସତ୍ୟ ହେଲେ ବି କିପରି ଭଗବାନଙ୍କ କରୁଣା ଲାଭ କରିହେବ ସେ ସମ୍ପର୍କରେ ବାବାଙ୍କ ଦିବ୍ୟବାଣୀ ହେଲା, 'ତୁମର ଉଦ୍ୟମ ପ୍ରଥମ, ଭଗବାନଙ୍କ କରୁଣା ଦ୍ୱିତୀୟ।' ଏହାଦ୍ୱାରା ସେ ଭଗବାନ କରୁଣାକୁ ନ୍ୟୂନ କରିନାହାନ୍ତି ବରଂ ଏହାର ସର୍ବବ୍ୟାପକତା ବିଷୟରେ ସଚେତନ କରିଦେଇଛନ୍ତି। ଅତି ସରଳ ଭାବରେ ବୁଝାଇବାକୁ ଯାଇ ବାବା କହିଛନ୍ତି ଯେ, 'ତୁମେ ଭଲ ଫଳ ପାଇବାକୁ ଚାହୁଁଛ, ଅଥଚ ଭଲ କାର୍ଯ୍ୟ କରୁନାହଁ' ସେହି ପରି ମନ୍ଦ ଫଳ ଭୋଗ କରିବାକୁ ଚାହୁଁ ନଥିଲେ ମଧ୍ୟ ମନ୍ଦ କାର୍ଯ୍ୟରୁ ନିବୃତ୍ତ ହୋଇପାରୁନାହଁ।' ଏହା ସ୍ପଷ୍ଟଭାବେ ସୂଚାଉଛି ଯେ ଆମେ ଅତୀତରେ କରିଥିବା କର୍ମ ଆଜି ଆମ ଆରମ୍ଭରେ ପ୍ରାରବ୍ଧ ଭାବେ ଦଣ୍ଡାୟମାନ ହୋଇଛି ଏବଂ ଏବେ କରୁଥିବା କର୍ମ ଭବିଷ୍ୟତ ପାଇଁ ଭିତ୍ତିପ୍ରସ୍ତ୍ର ସ୍ଥାପନ କରିବ। ସାଇଙ୍କ କର୍ମ ହିଁ, ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବ ଜଗତ ମଧ୍ୟରେ ପରିବ୍ୟାପ୍ତ ସେହି ଚେତନା ଜାଗ୍ରତ କରାଇବା – ପ୍ରତ୍ୟେକ ବ୍ୟକ୍ତି କାହିଁକି ସଂସାର ସବୁକିଛିକି ରୂପାନ୍ତରିତ କରିବା। ଭଗବାନ ବାବାଙ୍କ ଅମୃତ ସମ୍ଭାଷଣ ଆମ ସମସ୍ତଙ୍କୁ ଦିବ୍ୟ ପଥରେ ଅଗ୍ରଗତି କରାଇବା ପାଇଁ ପଥ ଦେଖାଉ ଏହା ହିଁ କାମନା। ବାବା ତାଙ୍କ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି- 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ। ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ। ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥ। ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍'।

—ସୌରଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୦୦୪୪୬୬, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com

ମିଠା ପାନର ବାସ୍ନା ଓ ପାରମ୍ପରିକ ସଂଗୀତରେ ମୁଖରିତ ଏକାମ୍ର ହାଟ

ଭୁବନେଶ୍ୱର (ପିଏନ୍)-ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉନଥିବା ପରମ୍ପରା ଓ ଚଳଣୀକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ଓଡ଼ିଆ ମହୋତ୍ସବ। ଅନ୍ୟତ୍ର ନୃତ୍ୟ,ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା,ପରମ୍ପରା ଓ ଚଳଣୀକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ। ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ। ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଧାରାବାହିକତା ରକ୍ଷା କରି ସପ୍ତଦଶ ବର୍ଷରେ ପହଞ୍ଚିବା କିଛି କମ କଥା ନୁହେଁ। ଏହିଭଳି ବକ୍ତବ୍ୟ ସହ ଓଡ଼ିଆଣୀମାନଙ୍କ ଦ୍ୱାରା ଉତ୍ସବ ସ୍ଥଳରେ ଭଙ୍ଗା ଯାଉଥିବା ମିଠାପାନର ମହକ ଓ ପାରମ୍ପରିକ ସଂଗୀତର ମୂର୍ଚ୍ଛନା ମଧ୍ୟରେ ସଂଭାବନା ପକ୍ଷରୁ ଆରମ୍ଭ ହୋଇଥିଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ତିନିଦିନିଆ ଉଦ୍‌ଯାପନୀ ଉତ୍ସବର ଦ୍ୱିତୀୟ ସଂଧ୍ୟା। ଉତ୍ସବର ପ୍ରମୁଖ ଅତିଥି ଥିଲେ ମାନ୍ୟବର ମନ୍ତ୍ରୀ, ଶ୍ରୀଯୁକ୍ତ ପ୍ରତାପ ଜେନା, ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶ୍ରୀଯୁକ୍ତ ରାମକୃଷ୍ଣ ପଣ୍ଡା, ସମାଜସେବୀ ଶ୍ରୀମତୀ କସ୍ତୁରିକା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ୨୦୨୧ର ଶ୍ରେଷ୍ଠ ଓଡିଆଣୀ ଶ୍ରୀମତୀ ରଶ୍ମି ସାହୁ।

ଉତ୍ସବ ସ୍ଥଳରେ ଓଡ଼ିଆଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ମିଠାପାନ ରଜ ଉତ୍ସବକୁ ମନେପକାଇ ଦେଉଥିଲା। ସେହିଭଳି ନାନାବାୟା ଗୀତ, ରଜ ଓ କୁମାର ପୂର୍ଣ୍ଣିମା ଗୀତ ଭଳି ପାରମ୍ପରିକ ସଂଗୀତ ଅନ୍ଦୋଳିତ କରୁଥିଲା ଉପସ୍ଥିତ ଓଡ଼ିଆମାନଙ୍କୁ। ଏହିସବୁ ମଧ୍ୟରେ ଉତ୍ସାହୀ ଓଡ଼ିଆଣୀମାନଙ୍କ ଗହଣରେ ଅନୁଷ୍ଠିତ ଉତ୍ସବରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସଂଭାବନାର ସଂପାଦକ ଦେବପ୍ରସାଦ ପରିଜା। ସଂଭାବନ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୪

ଭାରତୀୟ ଶିକ୍ଷା, ଶିକ୍ଷିତ ଓ ଶିକ୍ଷା ନୀତି-୨

ଭାରତରେ ବ୍ରିଟିଶମାନଙ୍କ ଆଗମନ ଏବଂ ତତ୍ ପରବର୍ତ୍ତୀ ଅନୁଶାସନ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ସମସ୍ତଙ୍କର ଅଛି ଯାହା ବର୍ଣ୍ଣନା କରିବା ଆବଶ୍ୟକ ନୁହେଁ । କେବଳ ବିଶ୍ଳେଷଣ କରି ଦେଖିଲେ ଜାଣିହୁଏ ଯେ ବ୍ରିଟେନ ଗୋଟିଏ ବିଶ୍ୱ ପ୍ରଖ୍ୟାତ ସମୃଦ୍ଧ ରାଷ୍ଟ୍ର, ଯାହାର ପରିସୀମା ଭାରତଠାରୁ ପ୍ରାୟ ୧୫ ଭାଗ କମ୍ । ତାହାର ଜନସଂଖ୍ୟା ମଧ୍ୟ ଅନୁରୂପ ସଂଖ୍ୟକଠାରୁ ଯଥେଷ୍ଟ କମ୍ । ହେଲେ ସେମାନେ ହଜାର ହଜାର କୋଶ ଦୂର ଏହି ଦେଶକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଅନୁଶାସନ ବ୍ୟବସ୍ଥା କରିଥିଲେ କେମିତି ? ତାହା କେବଳ ସେମାନଙ୍କ ଚତୁରତାର ପରିଚୟ ଥିବାବେଳେ ଭାରତୀୟଙ୍କ ନିଷ୍କପଟ, ନିର୍ମାୟା ମନୋଭାବ ହେତୁ ସେମାନେ ଖୁବ୍ କମ୍ ସଂଖ୍ୟକ ମଣିଷ କେବଳ ଆମ ଦେଶକୁ ଆସି ଆମରି ଲୋକଙ୍କ ହାତରେ ଆମକୁ ଶାସନ କରି ସମ୍ପୂର୍ଣ୍ଣ ପ୍ରାକୃତିକ ଉତ୍ସର ଲାଭ ନେଇଯାଉଥିବାବେଳେ ଆମକୁ ଶାସନ କରି ନିଷ୍ଠୁରତାର ସହିତ କ୍ରୀତଦାସ ଭଳି ବ୍ୟବହାର କରୁଥିଲେ । ସେସବୁ ସମ୍ଭବ ହେଲା କିପରି ଏବଂ ଏହି ଶିକ୍ଷା ବ୍ୟବସ୍ଥାର ତାହା ସହିତ ସମ୍ବନ୍ଧ କ'ଣ ଥିଲା, ତର୍ଜମା କଲେ ଜାଣିହେବ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡିପାରିନାହିଁ, କି ଆଗକୁ ଛାଡିବ ନାହିଁ ଯଦି ଉପଯୁକ୍ତ ପଦକ୍ଷେପ ନିଆ ନଯିବ ।

ବ୍ରିଟିଶ୍‌ମାନଙ୍କ ବିଶ୍ୱବ୍ୟାପୀ ଶାସନ କରିବାର ମୂଳମନ୍ତ୍ର ଥିଲା ଡିଭାଇଡ ଏଣ୍ଡ ରୁଲ୍, ଯାହାଦ୍ୱାରା ସେମାନେ କେବଳ ଭାରତ ନୁହେଁ ବରଂ ଆହୁରି ଅନେକ ଦେଶକୁ ନିଜ ଶାସନ କବଳିତ କରି ରଖିଥିବା ବିଶ୍ୱ ଇତିହାସ କହେ । ସେହି ନିୟମକୁ ଆଧାର କରି ପ୍ରଥମେ ସେମାନେ ଯେଉଁ ଷଡ଼ଯନ୍ତ୍ର ରଚନା କରୁଥିଲେ ତାହାର ପ୍ରଥମ ଅସ୍ତ୍ର ଭାବେ ଏହି ଶିକ୍ଷାନୀତି ପ୍ରଣୟନ କରୁଥିଲେ । ଏହି ଶିକ୍ଷା ଏବଂ ତତ୍‌ପରବର୍ତ୍ତୀ ପାରଦର୍ଶିତା ପ୍ରମାଣପତ୍ର ମାଧ୍ୟମରେ ପ୍ରଥମେ ମଣିଷ ମନରେ ପ୍ରତିଯୋଗିତାମୂଳକ ବିଚାର ସୃଷ୍ଟି କରି ପରବର୍ତ୍ତୀ ସମୟରେ ତାକୁ ସ୍ୱାର୍ଥାନ୍ଧ କରିଥାଏ ଯଦ୍ୱାରା ମଣିଷ ମନରେ ପ୍ରେମ ଭାବ ନରହି ଜଣେ ଅନ୍ୟ ଜଣଙ୍କ ପ୍ରତି ହିଂସାତ୍ମକ ଭାବ ରଖିବ । ଅର୍ଥାତ ଶିକ୍ଷା ଅର୍ଜନ କରିବା ପରେ ପୁନର୍ବାର ନିଜକୁ ସାମାଜିକ ଶୀର୍ଷସ୍ଥାନିତ କରି ସେ ଜନ୍ମ ହୋଇଥିବା ସ୍ଥାନ ତଥା ପାରିପାର୍ଶ୍ୱିକ ପରିବେଶକୁ ଘୃଣା କରିବା ଆରମ୍ଭ କରିବ । ତା'ପରେ ନିଜର କୃତିତ୍ୱକୁ ବିନିଯୋଗ କରି ଦକ୍ଷତା ପ୍ରତିପାଦନ କରିବା ସହିତ ଯଥେଷ୍ଟ ଧନ ଉପାର୍ଜନ କରିବାର ସୁଯୋଗ ସୃଷ୍ଟି କରାଯାଉଥିଲା ସେମାନଙ୍କ ଦ୍ୱାରା ଯଦ୍ୱାରା ସେହି ଶିକ୍ଷିତମାନେ ସେମାନଙ୍କ ପାଖରେ ଯାଇ ଗୋଲାମୀ କରିବା ଆରମ୍ଭ କଲେ । ଏମିତି ଅନେକ ବର୍ଷ ଅତିକ୍ରମ କରିବା ପରେ ଧୀରେ ଧୀରେ ସେହି ଗୋଲାମୀକୁ ଏକ ସୁନ୍ଦର ସମ୍ମାନାସ୍ପଦ ପଦବାଚ୍ୟରେ ଶମ୍ଭୁସିତ କଲେ ଯାହାକୁ କୁହାଗଲା ସରକାରୀ ଚାକିରୀ । ତେଣୁ କାଳକ୍ରମେ ନିର୍ବୋଧ ଭାରତୀୟଙ୍କ ସେହି ସରକାରୀ ଚାଲିରି ପ୍ରତି ମାନସିକ ଦୁର୍ବଳତା ସୃଷ୍ଟି ହେଲା ଯାହା ବଢି, ମରୁଡ଼ିରେ ମଧ୍ୟ ଅକ୍ଷୁର୍ଣ୍ଣ ରହିଲା । ଏହି ସୁବିଧାର ସୁଯୋଗ ନେଇ ଯଥେଷ୍ଟ ନିର୍ବୋଧ ସେହି ସରକାରୀ ଅକ୍ଷୁର୍ଣ୍ଣ ଚାକିରୀ ପାଇବା ଆଶା ରଖି ସେମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷାକୁ ଆଦରି ନିଜକୁ ସ୍ୱାର୍ଥପରତାର ଶୀର୍ଷରେ ରଖି ନିଜସ୍ୱ ଜନ୍ମମାଟି, ଜନ୍ମଦାତ୍ରୀଙ୍କୁ ଘୃଣା କରି ସେମାନଙ୍କୁ ସହଯୋଗ କରିବା ଆରମ୍ଭ କଲେ । ଅର୍ଥାତ ଏହି ଦେଶଦ୍ରୋହୀ, କୁଳାଙ୍ଗାର ଶିକ୍ଷିତମାନଙ୍କୁ ବ୍ୟବହାର କରି ସେମାନେ ସାଧାରଣ ଲୋକଙ୍କୁ ଦମନ, ଶାସନ କରି ଭୃତ୍ୟ ଭଳି ବ୍ୟବହାର କରିବାକୁ ଲାଗିଲେ । କିନ୍ତୁ ଯେଉଁମାନେ ସେହି ଶିକ୍ଷା ଲାଭ କରିବାରୁ ବଂଚିତ ରହିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷ ଆଜି ସମୟର ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଯାହାଙ୍କ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା । ତେଣୁ ସେମାନେ ଏହି ଶିକ୍ଷା ନୀତି ପ୍ରଚଳନ କରି ମଣିଷ ସମାଜରେ ଏକପ୍ରକାର ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବ ପ୍ରବର୍ତନ କରିବାରେ ସକ୍ଷମ ହୋଇପାରିଥିଲେ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ଯେଉଁଥିରେ କୌଣସି ଭାରତୀୟ ସାଂସ୍କୃତିକ ମାନବୀୟ ଢାଂଚା ଦେଖିବାକୁ ମିଳୁନାହିଁ ।

ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ବିଷୟ ଯେ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତି, ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ଥିବା ସହିତ ଅନେକ ଅତ୍ୟାଧୁନିକ କୌଶଳ ତଥା ବୈଜ୍ଞାନିକ ମନୋଭାବ ମଧ୍ୟ ରହିଥିଲା ଯାହା ଆମେ କେବଳ ଜାଣିବା ଛଡା ସେଗୁଡିକୁ ବ୍ୟବହାର କରି କୌଣସି ଫଳପ୍ରଦ ଅନୁସନ୍ଧିତ୍ସୁ ଉଦ୍ଭାବନ/ଆବିଷ୍କାର କରିନାହୁଁ କିମ୍ବା ଭବିଷ୍ୟତରେ କରିପାରିବା ଭଳି କୌଣସି ପଦକ୍ଷେପ ନେଉନାହୁଁ । ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତିକୁ କେବଳ ସମ୍ପୂର୍ଣ୍ଣ ଭାବେ ବ୍ୟବହାର କରିବା ଛଡା ତାହା ପଛରେ ରହିଥିବା ମହତ୍ ଉଦ୍ଦେଶ୍ୟକୁ ବ୍ୟବହାର ନକରି ଶିକ୍ଷାର୍ଥୀଙ୍କୁ ସେହି, ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବଧାରରେ ଅଭିଷିକ୍ତ କରି ଅଦ୍ୟାବଧି କୌଣସିମତେ ପୁଂଜିପତିଙ୍କ କ୍ରୀତଦାସ କରିବାରେ ଲିପ୍ତ ରହିଥିବା ଆମ ଦେଶର ଶିକ୍ଷାନୀତିରେ ବ୍ୟାପକ ପରିବର୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ ପ୍ରକୃତ ଶିକ୍ଷା ଦେଇ ଶିକ୍ଷିତ କରିପାରିବ । ନହେଲେ ଶିକ୍ଷାକୁ ସେମିତି ରୋଜଗାରର ମାଧ୍ୟମ ଭଳି ବ୍ୟବହାର ମଣିଷକୁ ପିଢ଼ିକୁ ପିଢ଼ି କେବଳ ଗୋଟି ଶ୍ରମିକ, କ୍ରୀତଦାସ କରି ରଖିବା ଛଡା ପ୍ରକୃତ ଜ୍ଞାନ ଦେଇପାରିବ ନାହିଁ କିମ୍ବା ସେମାନଙ୍କ ଅନ୍ତର୍ଜ୍ଞାନ ସୃଷ୍ଟି କରି ଦେଶର ପ୍ରଗତି କରିବା ସମ୍ଭବ ହେବନାହିଁ । କେବଳ ସେହି ବ୍ରିଟିଶ୍ ଭଳି ଏକ ପୁଂଜିବାଦ ସାମ୍ରାଜ୍ୟ ସୃଷ୍ଟି କରିବାରେ ଦେଶକୁ ଅନ୍ୟ ଦେଶ ତୁଳନାତ୍ମକ ନିକୃଷ୍ଟ କରିବା ଛଡା ଅଗ୍ରଗତି ଅସମ୍ଭବ ।

ଶିକ୍ଷାକୁ କେବଳ ରୋଜଗାରର ମାଧ୍ୟମ କରିବା ଏକ ଅମାନୁଷିକ ବିଚାର ଯେଉଁଥିରେ ସ୍ୱାର୍ଥାନ୍ୱେଷୀ, ହିଂସାଭାବ ଭଳି ଆହୁରି ଅନେକ ଅନୈତିକ ବିଚାରଧାରା ସୃଷ୍ଟି ହୋଇଥାଏ । ସେହି ବିଚାରଧାରାରୁ ଜନ୍ମିତ ସାମାଜିକ ଭ୍ରଷ୍ଟାଚାର ଏକ କଳଙ୍କ ଯାହା ଆଜି ସମୟରେ ବ୍ୟାପକ ଅଭାବନୀୟତା ସୃଷ୍ଟି କରୁଛି ସମାଜରେ ଯାହାସବୁ ଆମେ ଦେଖୁଛେ, ଅନୁଭବ କରୁଛେ । ତଥାପି ବ୍ୟକ୍ତିଗତ ଭାବେ ଆମେ ସମସ୍ତେ ସେହି ରାସ୍ତାର ପଥିକ ଭାବେ ଅଗ୍ରଗାମୀ ଯାହାର କୌଣସି ସମୀକ୍ଷା ତର୍ଜମା କରାଯାଉ ନଥିବା ଏକ ଅତ୍ୟନ୍ତ ଦୁଃଖର ବିଷୟ ଆଜି ସମୟର । ଜୀବନ କୁଶଳତାର ଏକ ମୂଲ୍ୟବାନ ହତିଆର ଭାବେ ଶିକ୍ଷାକୁ ବ୍ୟବହାର କରାଯାଉଅଛି ଯାହା କେବଳ ରୋଜଗାର ମଧ୍ୟରେ ମାନସିକ ସ୍ଥିତପ୍ରଜ୍ଞ । ଶିକ୍ଷାର ବାସ୍ତବତା ତଥା ମୂଲ୍ୟାୟନ ନାହିଁ ଆଜିର ଏହି ପାଶ୍ଚାତ୍ୟ ସଭ୍ୟତା ସଂଯୁକ୍ତ ଭାରତୀୟ ମନରେ । ଶିକ୍ଷାକୁ ସାମାଜିକ ସ୍ତରରେ ଏକ ରୋଜଗାରର ମାଧ୍ୟମ ଭାବେ ସର୍ବଗ୍ରହିତ ହେଉଥିବା ଦେଖିବାକୁ ମିଳୁଛି । ଶିକ୍ଷା ମାଧ୍ୟମରେ ନିଜର ଜୀବନଚର୍ଯ୍ୟାକୁ ସନ୍ତୁଳିତ କରି ଆନନ୍ଦ ଉପଭୋଗ କରିବା ଲକ୍ଷ୍ୟ ରଖିଥିବା ମଣିଷ ଶୂନ୍ୟ ଯାହା ଭାରତୀୟ ସଂସ୍କୃତ, ସଂସ୍କାର ବହିର୍ଭୁତ ।

ପଙ୍କଜ କୁମାର ପାଣିଗ୍ରାହୀ, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭

ଆଜିର ଅନୁଚିନ୍ତା

ଭଗବାନ୍‌ଙ୍କୁ କିଛି ନ ମାଗି ବରଂ ତାଙ୍କଠାରେ ଆମର ସର୍ବସ୍ୱକୁ ଅର୍ପିଦେବା ଭଲ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ରୁଷ-ଜାପାନ ଯୁଦ୍ଧ

ଡାଃ ସୁରେନ୍ଦ୍ର ନାଥ ଦାଶ

ଭାର ଶାସିତ ବିଶାଳ ରୁଷିଆ ସହ କ୍ଷୁଦ୍ର ଦ୍ୱୀପ ଦେଶ ଜାପାନର ଯୁଦ୍ଧ ବିଶ୍ୱ ରାଜନୀତିରେ ଏକ ରୋଚକ ଅଧ୍ୟାୟ । ଜାପାନ ଏସିଆର ଏକ ଦେଶ । ରୁଷିଆର ଅଧିକାଂଶ ଭାଗ ଏସିଆ ମହାଦେଶରେ ରହିଲେ ମଧ୍ୟ ନିଜକୁ ଉନ୍ନତ ୟୁରୋପର ଅଂଶ ବୋଲି ସେ ଦାବି କରେ । ସେ ସମୟରେ ୟୁରୋପର ଅଧିବାସୀମାନେ ନିଜକୁ ଏସିଆଠାରୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ ଭାବୁଥିଲେ । କହୁଥିଲେ ଅନୁନ୍ନତ ରହିବାରୁ ଏସିଆ ଲୋକ-ମାନେ ସ୍ୱାଧୀନ ହେବାର ଯୋଗ୍ୟତା ହରାଇଛନ୍ତି । ସେମାନେ ଆଧୁନିକ ୟୁରୋପୀୟଙ୍କ ଦ୍ୱାରା ଶାସନ ହେବା ପ୍ରଭୁଙ୍କର ଇଚ୍ଛା । ଯେତେବେଳେ ଏସିଆର ଏକ ଦେଶ, ବିଶାଳ ୟୁରୋପୀୟ ରୁଷିଆକୁ ପରାସ୍ତ କରିଦେଲା, ସାରା ବିଶ୍ୱରେ ଚମକ ଖେଳିଗଲା । ଏସିଆ ଆଫ୍ରିକାର ଦେଶମାନେ ୟୁରୋପୀୟ ଶାସକଙ୍କ ସହ ଲଢିବାର ସାହସ ସଂଗ୍ରହ କଲେ । ଖୋଦ୍ ରୁଷିଆରେ ମଧ୍ୟ ଶାସନ ବିରୁଦ୍ଧରେ ବିଦ୍ରୋହ ହେଲା । ଶେଷରେ ୧୯୧୭ ମସିହା ବିପ୍ଳବ ଘଟି କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠିତ ହେଲା ।

ଏହି ଯୁଦ୍ଧ ୧୯୦୪ ମସିହାର ଫେବୃୟାରୀ ମାସରେ ଆରମ୍ଭ ହୋଇ ଦେଢ ବର୍ଷ ଚାଲି ୧୯୦୫ ମେ' ମାସରେ ସରିଥିଲା । ରୁଷିଆ ଶୋଚନୀୟ ଭାବରେ ଉଭୟ ନୌ ଓ ସ୍ଥଳ ଯୁଦ୍ଧରେ ପରାସ୍ତ ହୋଇଥିଲା । ପୋର୍ଟସ ମାଉଥଠାରେ ଆମେରିକା ମଧ୍ୟସ୍ଥିରେ (ସେପ୍ଟେମ୍ବର ୫, ୧୯୦୫) ସନ୍ଧି ହୋଇ ଯୁଦ୍ଧ ସମାପ୍ତ ହେଲା ।

ରୁଷିଆ-ଉନବିଂଶ ଶତାବ୍ଦୀ ବେଳକୁ ରୁଷିଆର ଜାର ଇଭାନ ଦି ଟେରିବଲ ଓ ଜାର ନିକୋଲାସ ସଂପ୍ରସାରଣ ନୀତି ଗ୍ରହଣ କରି ବିଶାଳ ରୁଷିଆ ସାମ୍ରାଜ୍ୟ ଗଠନ କଲେ । ମଧ୍ୟ ଏସିଆର ଛୋଟ ଛୋଟ ଦେଶ ଜୟ କରି ଆଫଗାନିସ୍ତାନ ପର୍ଯ୍ୟନ୍ତ ଦେଶକୁ ବଢାଇଥିଲେ । ପଶ୍ଚିମରେ ପୋଲାଣ୍ଡଠାରୁ ପୂର୍ବରେ ଭ୍ଲାଡିଭଷ୍ଟକ ପର୍ଯ୍ୟନ୍ତ ଏହା ବିସ୍ତାରିତ ଥିଲା । ଏହାର ଅଧିକାଂଶ ଇଲାକା ଏସିଆରେ ଥିଲେ ମଧ୍ୟ ଏହା ୟୁରୋପୀୟ ଭାବେ ଏସିଆନମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖୁଥିଲା । ଏତେ ବଡ ସାମ୍ରାଜ୍ୟ ହେଲେ ମଧ୍ୟ ଏହାର ସବୁଦିନିଆ ବନ୍ଦର (All weather port) ନଥିଲା । ଶୀତ ଦିନେ ଏହାର ଉପକୂଳ ବରଫ ଦ୍ୱାରା ଆବୃତ ହେଉଥିଲା । ସେଥିପାଇଁ ରୁଷିଆ ମା-ଂଚୁରିଆ-ଚୀନଠାରୁ ଲାଲଡଙ୍ଗ ଉପଦ୍ୱୀପ ଲିଜ ଆଣି ପୋର୍ଟ ଆର୍ଥରଠାରେ ଏକ ବୃହତ ବନ୍ଦର ଓ ନୌଘାଟୀ ସ୍ଥାପନ କରିଥିଲା, ଯାହା ଏସିଆର ଶକ୍ତିଶାଳୀ ଜାପାନ ଚାହୁଁ ନଥିଲା ।

Theory of superior race:- ଏହି ସମୟରେ ୟୁରୋପୀୟମାନେ ଜ୍ଞାନ ବିଜ୍ଞାନରେ ଆଗେଇ ଯିବାରୁ ସେମାନେ ଭାବିଲେ ଯେ ସେମାନେ ଯେହେତୁ ଉନ୍ନତ, ଅନୁନ୍ନତ ଆଫ୍ରୋ-ଏସିଆ ଦେଶମାନଙ୍କୁ ଅଧିକାର କରି ଶାସନ କରିବା ସେମାନଙ୍କର ଈଶ୍ୱରଦତ ଅଧିକାର । ଏହି ମନୋଭାବ ନେଇ ଏସିଆକୁ ପ୍ରତିନିଧିତ୍ୱ କରୁଥିବା ଜାପାନ ଓ ୟୁରୋପର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା ।

ମେଜ ଜାପାନ- ୧୮୬୮ ମସିହାରେ ଜାପାନ ନିଜ ଦେଶକୁ ବାହାର ଦୁନିଆକୁ ଖୋଲି ୟୁରୋପୀୟଙ୍କ ଭଳି ଶିକ୍ଷା ଓ ଶିଳ୍ପ ବିଜ୍ଞାନରେ ଆଗେଇଗଲା । ଏହାକୁ ମେଜ ବିପ୍ଳବ କୁହନ୍ତି । ପା- ଜଣ ମେଜ ପ୍ରତିନିଧି ଶାସନ ବ୍ୟବସ୍ଥା ବୁଝୁଥିଲେ । ସେ ସମୟରେ ଜାପାନୀମାନେ ଉନ୍ନତ ହେବାରୁ ୟୁରୋପୀୟଙ୍କ ଭଳି ଅନ୍ୟ ଦେଶକୁ ଅଧିକାର କରିବାକୁ ଇଚ୍ଛା କଲେ । ନିଜ ଦ୍ୱୀପରେ ଜମିର ଅଭାବ ଯୋଗୁ ଅନ୍ୟ ଦେଶ ଅଧିକାର କରିବାକୁ ଲୋକମାନେ ଦାବି କଲେ ।

Yelow Peril:- ଏହି ସମୟରେ ୟୁରୋପରେ ୧୮୯୦ରୁ ୧୯୦୦ ମସିହା ମଧ୍ୟରେ ପିତକାୟ ଚୀନ ଓ ଜାପାନ ଅଧିବାସୀଙ୍କ ପାଇଁ ଆଶଙ୍କା ସୃଷ୍ଟି ହେଲା । ଜାପାନର ସାମରିକ ଶକ୍ତି ଓ ଚୀନର ବିପୁଳ ଲୋକ ଏକାଠି ହେଲେ, ୟୁରୋପୀୟମାନେ ବିପଦରେ ପଡିବେ । ବିଶେଷତଃ ଜର୍ମାନୀ ଶାସକ ଉଇଲିଅମ-୨ ଏହି ମତ ଜୋରରେ ପ୍ରଚାର କରି ଶ୍ୱେତକାୟଙ୍କ ତ୍ରାଣକର୍ତା ରୂପେ ଜାର ନିକୋଲାସଙ୍କୁ ପ୍ରଶଂସା କରି ଜାପାନକୁ ଆକ୍ରମଣ କରିବାକୁ ପ୍ରୋତ୍ସାହନ ଦେଲେ । ଅନେକ ତାଙ୍କୁହିଁ ଯୁଦ୍ଧର କାରଣ ବୋଲି ମନେକରନ୍ତି । ଏହାମଧ୍ୟରେ ରୁଷିଆରେ ଟ୍ରାନସ ସାଇବେରିଆନ ପୃଥିବୀର ଦୀର୍ଘତମ ରେଳପଥ ନିର୍ମାଣ ହେଲା । ଚୀନର ବନ୍ଦରକୁ ସଂଯୋଗ କରି ଚୀନ-ରୁଷିଆ ରେଳପଥ ମା-ଂଚୁରିଆ ଦେଇ ପୋର୍ଟ ଆର୍ଥରକୁ ନିର୍ମିତ ହେଲା । ସେ ଅଂଚ-ଳରେ ଦସ୍ୟୁମାନେ ଉପଦ୍ରବ କରୁଥିବାରୁ ରୁଷିଆ ସରକାର ଲକ୍ଷାଧିକ ସୈନ୍ୟ ବାରାକ କରି ରେଳପଥର ସୁରକ୍ଷା ପାଇଁ ମୁତୟନ କଲା । ଜାପାନ ଏହାକୁ ବିରୋଧ କରି ମା-ଂଚୁରିଆକୁ ରୁଷ ପ୍ରଭାବରେ ରଖିବା ବଦଳରେ କୋରିଆ ଉପରେ ନିଜର ପ୍ରଭାବ ରୁଷିଆଠାରେ ଦାବିକଲା, ଯାହାକୁ ରୁଷିଆ ପ୍ରତ୍ୟାଖାନ କଲା । କୋରିଆର ଦୁର୍ବଳତାର ସୁଯୋଗ ନେଇ ଚୀନ, ରୁଷିଆ ଓ ଜାପାନ ନିଜ ମନୋନିତ ସରକାର ବସାଇବାକୁ ଉଦ୍ୟମ କଲେ । ଏହି ଗୃହଯୁଦ୍ଧରେ ରାଣୀ ନିହତ ହେଲେ । ରାଜା ଦେଶ ଛାଡି ରୁଷିଆରେ ଆଶ୍ରୟ ନେଲେ । କୋରିଆକୁ ନେଇ ୧୮୯୪-୯୫ରେ ଚୀନ ସହ ଜାପାନର ଯୁଦ୍ଧ ହେଲା । ଜାପାନ ଚୀନ ସେନାଙ୍କୁ ପରାସ୍ତ କରି ଲାଲଡଙ୍ଗ ଉପଦ୍ୱୀପ ଅଧିକାର କଲା । ବ୍ରିଟିଶ ଓ ଫ୍ରାନସ ଚାପରେ ବାଧ୍ୟ ହୋଇ ଜାପାନ ଅପସରି ଆସିଲା । ତା'ପରେ ଚୀନ ଲାଲଡଙ୍ଗ ଉପଦ୍ୱୀପକୁ ରୁଷିଆକୁ ଲିଜ ଦେବାରୁ ସେଠାରେ ସେ ନିଜର ଶକ୍ତିଶାଳୀ ନୌଘାଟି ବସାଇଲା ଓ ନିଜ ଦେଶରୁ ମା-ଂଚୁରିଆ ଦେଇ ରେଳପଥ ନିର୍ମାଣ କଲା । ରେଳପଥକୁ ଜଗିବା ଆଳରେ ଅନେକ ସୈନ୍ୟ ଶିବିର ବସାଇଲା । ଏଣେ ଉପକୂଳରେ ଜାପାନ ନିକଟରେ ଶକ୍ତିଶାଳୀ ନୌସେନା ମୁତୟନ ହେଲେ, ଯାହାକୁ ଜାପାନ ସହ୍ୟ କରିବା ଅବସ୍ଥାରେ ନଥିଲା ।

ପୋର୍ଟ ଆର୍ଥର ଆକ୍ରମଣ:- ଫେବୃଆରୀ ଆଠ ତାରିଖ ଦିନ ଜାପାନ ରୁଷିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ପୋର୍ଟ ଆର୍ଥରକୁ ନୌଭେଳା ଦ୍ୱାରା ଅଚାନକ ଆକ୍ରମଣ କଲା । ବାସ୍ତବରେ ଯୁଦ୍ଧ ଘୋଷଣାର ତିନି ଘଂଟା ଆଗରୁ ହମଲା ହୋଇଥିଲା, ଯାହା ଜେନେଭା ପ୍ରୋଟକଲର ସଂପୂର୍ଣ୍ଣ ବିରୁଦ୍ଧ ଥିଲା । ରୁଷିଆ ଆଠ ଦିନ ପରେ ଯୁଦ୍ଧ ଘୋଷଣା କଲା । ୮ ତାରିଖ ରାତିରେ ଜାପାନର ଆଡମିରାଲ ଟୋଜ ବନ୍ଦର ନୌଭେଳା ଉପରେ ଆକ୍ରମଣ କରି ଅନେକ ରୁଷିଆ ଯୁଦ୍ଧ ଜାହାଜ ନଷ୍ଟ କରିଦେଲେ । ଜାପାନ ଦୁର୍ଗ ଉପରେ ଆକ୍ରମଣ କଲା । ମାତ୍ର ଦୁର୍ଗର ପ୍ରତିରକ୍ଷା ଭେଦ କରିପାରିଲା ନାହିଁ । ଅନେକ ଜାପାନୀ ସୈନ୍ୟ ମଲେ । ରୁଷିଆର ଜାହାଜମାନ ହାରବରରେ ନିରାପଦରେ ରହିଲେ । ଜାପାନ ସେନା ପୋର୍ଟ ଆର୍ଥରକୁ ଘେରାଉ କରି ରଖିଲେ । ସେମାନେ ପ୍ରବେଶ ପଥରେ ବଡବଡ କଂକ୍ରିଟ ଖଣ୍ଡମାନ ବୁଡାଇ ବାଟ ବନ୍ଦ କରିବାକୁ ଚେଷ୍ଟା କଲେ । ରୁଷିଆନ ନୌସେନା ଅବରୁଦ୍ଧ ହଟାଇବାକୁ ହାରବରରୁ ପଦାକୁ ଆସି ଜାପାନ ନୌସେନା ଉପରେ ଆକ୍ରମଣ କରିବାକୁ ବାହାରିଲେ । ମାତ୍ର ଜାପାନର ମାଇନ ମାଡରେ ଅନେକ ଜାହାଜ ଓ ପୋର୍ଟ ଆର୍ଥରର ନୌସେନା ମୁଖ୍ୟ ଆଡମିରାଲ ଷ୍ଟେପନ ମାକାରୋଭଙ୍କ ମୃତ୍ୟୁ ଘଟିଲା (ଏପ୍ରିଲ ୧୩) । ରୁଷିଆନ ନୌଭେଳା ବିଫଳ ହୋଇ ହାରବରକୁ ଫେରି ଆସିଲେ । ଏହାମଧ୍ୟରେ ଜାପାନ ସେନା ସ୍ଥଳଭାଗରେ ଓହ୍ଲାଇ ଏକ ପାହାଡ ଉପରେ ପହଂଚି ଦୂରଗାମୀ କମାଣ ଦ୍ୱାରା ଅବଶିଷ୍ଟ ଜାହାଜକୁ ନଷ୍ଟ କରିଦେଲେ । ସ୍ଥଳଭାଗରେ ଜାପାନୀମାନଙ୍କୁ ପ୍ରତିହତ କରିବା ପାଇଁ ଆସୁଥିବା ରୁଷ ସେନା ବାଧା ପାଇ ଫେରିଗଲେ (ୟାଲୋ ରିଭର ଯୁଦ୍ଧ) । ଫଳରେ ହତୋତ୍ସାହ ହୋଇ ରୁଷ ଛାଉଣୀର ମୁଖ୍ୟ ସେନାପତି ଜେନେରାଲ ଆଂଟୋନିସିସଲ ଆତ୍ମସମର୍ପଣ କଲେ । ଉପରୁ ଅନୁମତି ନ ନେଇ ସେ ଏହା କରିବାରୁ ରୁଷିଆରେ ହତାଶ ଖେଳିଗଲା । ଯୁଦ୍ଧପରେ ସିସଲଙ୍କୁ ଅଯୋଗ୍ୟ ଘୋଷଣା କରି ମୃତ୍ୟୁଦଣ୍ଡ ଦିଆଗଲା । ଏହାମଧ୍ୟରେ ଜାପାନର ସୈନ୍ୟମା

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

ସୁଦର୍ଶନ ମହାପାତ୍ର

ସକାଳୁ ଉଠିପଡ଼ି ନିଦ ମଳ ମଳ ଆଖିରେ ପୁଅ ପଚାରିଲା -'ବାବା, ତୁମ ବନ୍ଧୁ କେତେବେଳେ ଆସିବେ ? ତୁମେ ଘର ବାହାରେ କାହିଁକି ଠିଆ ହୋଇଛ ? ଫ୍ରିଜରୁ ସନ୍ଦେଶ ପ୍ୟାକେଟଟା ଆଣି ବାହାରେ ରଖିଦେବି ?'ମୁଁ ନିରୁତ୍ତର ରହିବା ଦେଖି ସେ ଭିତରକୁ ଚାଲିଗଲା। ବନ୍ଧୁ ଯେ ଆସି ବାହୁଡ଼ି ଗଲେଣି ସେ ବା କେମିତି ଜାଣନ୍ତା !!!

ବନ୍ଧୁ ଆସିବେ ବୋଲି ବଡି ଭୋରରୁ ମୁଁ ବାଟ ଚାହିଁ ବସିଥିଲି। ଏମିତି ନ ଆସିଥିଲେ ବରଂ ଭଲ ହୋଇଥାନ୍ତା ! 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର' ଉକ୍ତିଟିକୁ ମୁଁ ବରଂ ବାରମ୍ବାର ଘୋଷା କରି ପାରିଥାନ୍ତି..।ବନ୍ଧୁତା ଉପରେ ମୋର ବିଶ୍ୱାସ ଅଟୁଟ ଥାନ୍ତା। ସ୍ନେହ ଓ ସମ୍ପର୍କକୁ ନେଇ ସ୍ୱପ୍ନ ଦେଖା ସରିଯାଇ ନଥାନ୍ତା..!

ବିନୋଦ ମୋର ପିଲାଦିନର ବନ୍ଧୁ। ହେଲେ ଜମା ନ ଆସି କହି ଦେଇଥାନ୍ତା,କେଉଁଠି କିଛି ଅସୁବିଧା ହୋଇଗଲା ବୋଲି। ଭାବିଥାନ୍ତି, କଥା ଦେଇ ବନ୍ଧୁ ମୋର ସିନା କଥା ରଖି ପାରିଲାନି, ଆଜି ନହେଲେ ନାହିଁ କାଲି ଆସିବ, କାଲି ନ ଆସିଲେ ତା' ପରଦିନ। ନହେଲେ ଆଉକେବେ...! ଅନେକ ବର୍ଷ ପରେ ହେଉ ପଛକେ,ଆସିବ ମୋ ପାଖକୁ ଥରେ ନିଶ୍ଚୟ। ଆମେ ବସିବୁ । ଏକାଠି ମୁହାଁ ମୁହିଁ ହୋଇ ଗପିବୁ।ନିଜର ସୁଖଦୁଃଖ, ସ୍ତ୍ରୀ-ପିଲା, ଘର ସଂସାର କଥା। ଆଉ କିଛି ଆମ ପିଲାଦିନର କଥା।ବନ୍ଧୁତାର କଥା, ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ... ।କଥାର ଖିଅ ଲମ୍ବି ଯାଉଥାନ୍ତା । ପିଲାଏ ବିମୁଗ୍ଧ ହୋଇ ଶୁଣୁଥାନ୍ତେ। ମଝିରେ ମଝିରେ ପତ୍ନୀ ଆସି ଚା' କିମ୍ବା କଫି ଦେଇ ତାଗିଦ୍ କରୁଥାନ୍ତେ ଖାଇବା ବେଳ ଗଡି ଗଲାଣି ବୋଲି... !ଆମ କଥାର ଅଡୁଆ ସୂତା କିନ୍ତୁ ମୋଟେ ଛିଡୁ ନଥାନ୍ତା... !!!

ନା, ଏସବୁ କିଛି ହେଲା ନାହିଁ। ଏ ପୃଥିବୀର ଋତୁ ମାନଙ୍କର ସ୍ୱାଭାବିକ ଗତି ପଥ ବଦଳି ଯାଇଥିଲା।ଏ ସମାଜର ଜୀବନ ଧାରଣ ଧାରା ସତେ ବଦଳି ଯାଇଥିଲା। ପ୍ରତ୍ୟେକ ମଣିଷ ପାଇଁ ଏ ସୁନ୍ଦର ସଂସାର ହୋଇ ଯାଇଥିଲା ଗୋଟିଏ ଗୋଟିଏ ଆତ୍ମକୈନ୍ଦ୍ରିକ ନୀତ। ଦୂରତାରେ ସମ୍ପର୍କ ରଖିବାକୁ ସେ 'ଜୀବନ' ବୋଲି ବୁଝୁଥିଲା।

ବିନୋଦ ଆସିବ ବୋଲି ଜରୁଆ ଦେହରେ, ଉଦୁଉଦିଆ ଦ୍ୱିପ୍ରହରରେ ପତ୍ନୀ ଙ୍କ ବାରଣ ସତ୍ତ୍ୱେ କାଲି ବଜାର ଯାଇଥିଲି।ଗାଙ୍ଗୁରାମ ମିଷ୍ଟାନ୍ନ ଭଣ୍ଡାରରୁ ସନ୍ଦେଶ , ଦୋଳମୁଣ୍ଡେଇରୁ ଜ୍ୟୋତି ମିକଶ୍ଚର, ଲିଙ୍କ୍ ରୋଡରୁ ଦେଶୀ ପାଚିଲା କଦଳୀ ଇତ୍ୟାଦି ନେଇ ଫେରିଥିଲି। ସେ ଆସିଲେ ତା'କୁ ଛାଡ଼ି କୁଆଡେ ଯିବାକୁ ପଡିବ ନାହିଁ ବୋଲି ଆଗରୁ ସବୁ ସଜାଡି ରଖିଥିଲି। ତା'ର ଯଥାରୀତି ସତ୍କାର ପାଇଁ ସ୍ତ୍ରୀ ଙ୍କୁ ଆଗରୁ ଚେତେଇ ଦେଇଥିଲି। ମୋ ଅନୁପସ୍ଥିତିରେ ସେ ବି ଘର ଦ୍ୱାର ସବୁ ସଜଡ଼ା ସଜଡ଼ି କରି ଦେଇଥିଲେ। ଆଉ ସବୁତକ ବେଡ କଭର,ପରଦା କାଢି ନୂଆଟି ମାନ ଲଗାଇ ସାରିଥିଲେ। ମୋ ବନ୍ଧୁ ବିନୋଦ ଆସିବ ବୋଲି ମୁଁ ଉଠିବା ଆଗରୁ ସେ ଉଠି କାମରେ ଲାଗି ଯାଇଥିଲେ।

ବନ୍ଧୁଟିଏ, ସେ ଯଦି ହୋଇଥାଏ ତୁମ ସ୍କୁଲ ଜୀବନର ସହପାଠୀ, ସେ ଯଦି ହୋଇଥାଏ ତୁମ କୈଶୋର, ଯୌବନ ଏବଂ ତା' ପର ଜୀବନ ସହ ଜଡ଼ିତ ମଧୁର ସମ୍ପର୍କ ରଖିଥିବା ବ୍ୟକ୍ତିଟିଏ,ତୁମ ସହ ଘଟିଥିବା ଦୁର୍ଘଟଣା ସମୟରେ ଆସି ପାରୁନାହିଁ ବୋଲି ବାରମ୍ବାର ମନସ୍ତାପ କରୁଥାଏ, ଆବଶ୍ୟକ ପରାମର୍ଶ ଦେଉଥାଏ, ଧୈର୍ଯ୍ୟ ଧରିବାକୁ ଆଶ୍ୱାସନା ଦେଉଥାଏ -ତେବେ କୁହତ କ'ଣ ହେବ ତୁମ ମନର ଅବସ୍ଥା ; ଯଦି ସେ ତୁମକୁ ଦେଖା କରିବ ବୋଲି ଖବର ଦେଇଥାଏ ? ? ଜୀବନର ସବୁ ଅଭାବ, ଅସୁବିଧା ମନରୁ ଦୂରେଇ ଯିବନିକି ?ଉଲୁସି ଉଠିବ ନାହିଁ କି ତୁମେ ଖୁସିର ଆତିଶଯ୍ୟରେ ? କୁଳୁକୁଳୁ ଗୀତ ଗାଇ ନଈଟିଏ ବହି ଯିବନିକି ତୁମ ଭିତରେ ? ଭୁଲି ଯିବନି କି ତୁମେ ବନ୍ଧୁ ଆଉ ତୁମ ଭିତରେ ଥିବା ଆର୍ଥିକ ସ୍ୱଚ୍ଛଳତା ଅବା ଷ୍ଟାଟସ୍ ରେ ଥିବା ତାରତମ୍ୟକୁ.... !!!

ହଁ, ଏହିଭଳି ବନ୍ଧୁଟିଏ ସେ ମୋର। ଦିଲ୍ଲୀରେ ରହେ ସେ।ଆସିବ ବୋଲି ଆଗରୁ ଖବର ଦେଇଥିଲା। ମୋ ଭିତରେ ହଜିଲା ଦିନର ସ୍ମୃତି ଜଗାଇ ଦେଇଥିଲା। କଲିକତାରୁ ତା'ର ବାପା ଆଣିଥିବା ସନ୍ଦେଶ ପରି ଅପୂର୍ବ ମିଠାକୁ ମୋତେ ଚଖେଇବାକୁ ରଫ୍ ଖାତାରୁ ଚିରା କାଗଜ ଫର୍ଦ୍ଦରେ ଘରୁ ଲୁଚେଇ ଆଣିବାର ତା'ର ଧୃଷ୍ଟତା କଥା,ମୋ ଭିତରକୁ ଆପେ ଧସେଇ ପଶିଥିଲା।ତା' ଆସିବା ଖବର ପାଇବା ମୁହୂର୍ତ୍ତରୁ, ମୁଁ ଏକ ଚଳ ଚଞ୍ଚଳ ଆବେଗ-ଉଚ୍ଛଳ ଅସ୍ଥିର ତରୁଣଟିଏ ହୋଇ ଯାଇଥିଲି। ମନେ ମନେ ଗୁଣୁ ଗୁଣୁ ହୋଇ ଗାଇବା ଆରମ୍ଭ କରି ଦେଇଥିଲି-'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର।'

କାହିଁ ସେ ବନ୍ଧୁତା ? ? ?

ଘର ଭିତରେ ପାଦ ଦେଉ ଦେଉ ବିନୋଦ କହିଲା -' ଟିକେ ଡେରି ହୋଇଗଲା । ଯାହା ହେଉ ଦେଖାତ ହେଲା । ମୁଁ ଚାଲିଲି ଏଥର।' ମୁଁ ତା'ର ହାତ ଧରି ପକାଇଲି। ସେ ଟିକେ ଠିଆ ହୋଇଗଲା। -'ଦେଖି, ଆଉ କେତେ ଦିନ ଓଡ଼ିଶାରେ ଅଛି। କେବେ ସୁବିଧା ଦେଖି ଆସିବାକୁ ଚେଷ୍ଟା କରିବି ।' ମୁଁ କିଛି କହିବା ପୂର୍ବରୁ ସେ ତା' ଆଡୁ ସଫେଇ ଦେବାକୁ ଚେଷ୍ଟା କଲା।

ଭାବୁଥିଲି କହିଦେବାକୁ-' ଯଦି ସଙ୍ଗେ ସଙ୍ଗେ ଯିବାର ଥିଲା, ତେବେ ଆସୁଥିଲୁ କାହିଁକି ? ସୌଜନ୍ୟ ବୋଧ ନା ଲୌକିକ ଆଚାର ବିଚାର ?ଆମର ସମ୍ପର୍କ ଓ ବନ୍ଧୁତା କ'ଣ ଏତିକିରେ ହିଁ ସୀମାବଦ୍ଧ ? ଫୋନରେ ଯେଉଁ ସବୁ ବାର୍ତ୍ତାଳାପ ତୁଚ୍ଛା ସଂଳାପ ଥିଲା ? ' ମାତ୍ର ଶବ୍ଦଟିଏ ବି ଉଚ୍ଚାରଣ କରି ପାରିନଥିଲି । ତାକୁ ବାଟେଇ ଦେବାକୁ ଯାଇ ଦେଖେତ ତା'ର ପତ୍ନୀ ଏବଂ ପିଲା ଟ୍ୟାକ୍ସିରେ ବସିଛନ୍ତି।

-'ଆରେ, ଭିତରକୁ ଆସନା । ମୋ ସ୍ତ୍ରୀଙ୍କ ସଙ୍ଗରେ ଦେଖା ନକରି ଚାଲିଯିବ ନା କ'ଣ ? ବନ୍ଧୁପତ୍ନୀଙ୍କୁ ଡାକି ଆଣି ଦେଖେତ ପତ୍ନୀ ବାଥରୁମରେ।-' ଶୀଘ୍ର ବାହାର, ଦେଖ କିଏ ଆସିଛନ୍ତି।' ତରତର ହୋଇ ସେ ବାହାରି ଆସିଲେ ବାଥରୁମରୁ।

-'ଆରେ , ଟିକେ ଚା କରିଦେବ ନାଁ ହସୁଥିବ ଏମିତି। ସେମାନେ ପରା ତରତର ହେଉଛନ୍ତି ଯିବାକୁ।'ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଲି ମୁଁ।

-' ନାଁ ନାଁ ଆଜି ନୁହେଁ। ଆଉ କେବେ ଆସିଲେ...!' ବନ୍ଧୁ ଏବଂ ବନ୍ଧୁପତ୍ନୀଙ୍କର ମିଳିତ କଣ୍ଠସ୍ୱର । ସେମାନେ ବାହାରି ଗଲେ ଏଇ କଥା ପଦକରେ। ମୁଁ ନିର୍ବାକ ହୋଇ ଚାହିଁ ରହିଲି ସେମାନଙ୍କ ଯିବା ବାଟକୁ ।

* * *

-'ବାବା, ମାମା କହୁଛି ତୁମ ବନ୍ଧୁ , ମାନେ ସେଇ ବିନୋଦ ଅଙ୍କଲ ଆସି ପଳେଇଗଲେଣି। କାହିଁ ସନ୍ଦେଶ ତ ଖାଇ ନାହାନ୍ତି। ତୁମେ କହୁଥିଲ ସେ ଭଲ ପାଆନ୍ତି ବୋଲି।'

-' ନାଁ, ବାବା ମୁଁ ଖାଇବିନି। ଖାଲି ଟିକେ ଦେଖିଥାନ୍ତି ସନ୍ଦେଶ କେମିତିକା...!' ମୋ ଚା ?ହାଣୀରୁ କ'ଣ ବୁଝି ଡରି ଡରି କହିଲା ପୁଅ।ଗତକାଲି ସନ୍ଦେଶ ଆଣିବା ପରଠୁ ସେ ବିକଳରେ ଅପେକ୍ଷା କରିଥିଲା ବୋଧହୁଏ। ମୁଁ ସେକଥା ଏପର୍ଯ୍ୟନ୍ତ ଭାବି ପାରିନଥିଲି। ମୋ ବନ୍ଧୁ ଆସିବ ବୋଲି,ତା' ମାମା ତାଗିଦରେ ବୋଧହୁଏ ଛୁଇଁନି ତାକୁ। -'ଯା,ମାମାକୁ କହିବୁ ଦେବ।' ଯଥା ସମ୍ଭବ ନରମ ସ୍ୱରରେ କହିଲି ।

-' ସେମାନେ ତ କେତେବେଳୁ ଗଲେଣି।ଏଥର ଭିତରକୁ ଆସ। ନା, କାଳେ ଫେରିବେ ବୋଲି ଅପେକ୍ଷା କରିଛ!' ପତ୍ନୀଙ୍କର ବିଦ୍ରୁପ ମୁଁ ବୁଝି ପାରିଲି।

ଘର ଭିତରକୁ ଆସି ମୋର ଚିଠି ବାକ୍ସ ଖୋଲିଲି।ବଡ଼ ଯତ୍ନରେ ସାଇତା ହୋଇ ରହିଥିବା କାହିଁ କେତେ ବର୍ଷ ତଳର ବିନୋଦର ଚିଠି ସବୁ ପଢିଲା ଭିତରେ ହଜି ଯାଇଥିବା ମୋ ବନ୍ଧୁର ମୁହଁକୁ ମନେ ପକେଇବାକୁ ଚେଷ୍ଟା କରୁଥିଲି । ଚେଷ୍ଟା କରୁଥିଲି ଆମ ବନ୍ଧୁତ୍ୱର ନିବିଡତା ଠିକ୍ କରି ବୁଝିବାକୁ ।

-' ତୁମେ ଆସୁନ ଖାଇବ।ଛୁଆଟା ଅପେକ୍ଷା କରିଛି ସନ୍ଦେଶ ଟିକେ ଖାଇବ ବୋଲି।' ଧୀର କଣ୍ଠରେ ଆସି କହିଲେ ପତ୍ନୀ।

-' ମୁଁ ତ ତାକୁ କହିଲି ଖାଇବାକୁ।' ସେତେବେଳକୁ ପୁଅ ଆସି ମୋ ପାଖରେ।

-' ନାଁ, ବାବା ଥାଉ। ବିନୋଦ ଅଙ୍କଲ ଯଦି ସନ୍ଧ୍ୟାକୁ ଆସନ୍ତି। କ'ଣ ଖାଇବେ ?'

ମୁଁ ଏଥର ମୁହଁ ଲୁଚାଇଲି। କାଳେ ମୋର ଭିଜିଲା ଆଖି ପୁଅ ଦେଖିଦେବ ! ପୁଅକୁ ଏଥର କୋଳକୁ ଉଠାଇ ଆଣି ତା' ପାଟିରେ ସନ୍ଦେଶ ଟିଏ ଦେଇ କହିଲି-' ତୁ ହିଁ ମୋର ସବୁଠୁ ପ୍ରିୟ ବନ୍ଧୁରେ...!' ମୋ ମୁ ?ହଁକୁ ସେ ଖୁସିରେ ଚାହିଁ କହିଲା-' ତାହେଲେ ଆମେ ସାଙ୍ଗହୋଇ ସନ୍ଦେଶ ଖାଇବା, ହେଲା !!!!'

ଏ ସହରର ସବୁଠାରୁ ବିଳାସମୟ ହୋଟେଲ

ଏବଂ ବନ୍ଧୁ ମିଳନ ଉତ୍ସବର ଫଟୋ ସବୁ , ଫେସବୁକ ପେଜରେ ପରଦିନ ଆବିଷ୍କାର କଲି ମୁଁ। ବନ୍ଧୁ ମାନଙ୍କ ଗହଣରେ ଏବଂ କକଟେଲ ପାର୍ଟିରେ ବିନୋଦର ହାବଭାବ ଦେଖି ମୁଁ ନିଜକୁ ଭିନ୍ନ ଏକ ଦୁନିଆରେ ଆବିଷ୍କାର କଲି।ବଳି ପଡ଼ିଥିବା ତିନୋଟି ସନ୍ଦେଶରୁ ପୁଅକୁ ଦୁଇଟି ଦେଇ,ଆରଟିର ଅଧାରୁ ଅଧିକ ଭାଗ ପତ୍ନୀଙ୍କ ପାଟିରେ ଦେଲାବେଳେ ମୁଁ ନିଜ ଭିତରେ ଖୁସିର ଅପୂର୍ବ ଶିହରଣଟିଏ ଅନୁଭବ କରୁଥିଲି...!

କୁଞ୍ଜବିହାରୀ ଲେନ,କଟକ

ବନ୍ୟ ଅନୁପ୍ରାସ

ଅନସୂୟା ପଣ୍ଡା

ଦୀର୍ଘ ପଚିଶି ବର୍ଷର ଜୀବନ ଖାତାରେ ଅନେକ କିଛି ବଦଳି ଯାଇଛି ମୋ ଗାଁରେ। ଅନେକ ସମ୍ପର୍କ ହଜିଯାଇଛି। କୌଣସି ଏକ ଅସୁବିଧାରେ ପଡି ବାପା ମାଆ ତାଙ୍କର ସାନପୁଅକୁ ଆଗ ବାହାଘର କରିଦେଇଥିଲେ। ବଡ ପୁଅ ବାବୁ, ଆମ କାଳି ମାଉସୀଙ୍କ ସାଙ୍ଗରେ ଡେରିରେ ବାହା ହେଲା। ବାପଘରେ ଭାରି ଅଲିଅଳି ସ୍ନେହବର୍ଦ୍ଧିତା କାଳି ମାଉସୀ ବାହା ହେଇ ଆସିଲା ବେଳକୁ ଦିଅରର ତିନିଟା ପିଲା ହୋଇସାରିଥିଲେ। ଝିଅ ବଡ ଆଠବର୍ଷର। ଦୁଇଟି ଯାକ ପୁଅ ସାନ। ଜଣେ ପାଞ୍ଚ ବର୍ଷର ଆଉ ଜଣେ ତିନି ବର୍ଷର। ସେମିତିରେ କାଳି ମାଉସୀ ଭାରି ସ୍ନେହୀ ଓ ସରଳା। ଆଉ ଏ ଛୁଆ ମାନଙ୍କ ସାଙ୍ଗରେ ଏମିତି ମିଶିଗଲେଯେ ଛୁଆମାନେ ବୋଉ ବୋଉ ଡାକି ସବୁବେଳେ ତାଙ୍କରି ପାଖରେ। ସାରା ଅଳିଅର୍ଦ୍ଦଳି ତାଙ୍କୁ କଲେ। ସେମାନଙ୍କ ମୋହରେ ନିଜକୁ ପୁରା ଛନ୍ଦି ପକେଇଲେ ଯେ, ସବୁଦିନ ଚଉରା ପାଖରେ ମୁଣ୍ଡିଆ ମାରି ଦୀପ ଜାଳି ଡାକନ୍ତି, "ମୋର କିଛି ପିଲାପିଲି ନ ହୁଅନ୍ତୁ ମାଆ। କାଳେ ମୋ ମନ ଏମାନଙ୍କଠାରୁ ଦୂରେଇ ଯିବ। ଏମାନେ ତ ମୋ ସଂସାର। ଆଉ ବଢେଇ ଘାଣ୍ଟନା"। ସତେରେ ଯେମିତି ଚଉରା ପାଖରେ ଦୀପ ଜଳେଇବା ସାର୍ଥକ ହେଲା। କାଳି ମାଉସୀଙ୍କର ଆଉ ପିଲା ଛୁଆ କିଛି ହେଲାନି। ପିଲା ନ ହେବାର ଉଦାସପଣ ତାଙ୍କୁ କେବେ ଆବୋରିନଥିଲା। ଜୀବନର ବଳକା ଆୟୁଷ ପିଲାମାନଙ୍କ ହସଖୁସିରେ କଟିଯିବା ବୋଲି ଆଶାପୋଷଣ କରିଥିଲେ। ଏ ସବୁ ଛୋଟବେଳେ ମୁଁ ସମସ୍ତଙ୍କଠାରୁ କାଳି ମାଉସୀଙ୍କ ମହାନତା ବିଷୟରେ ଶୁଣିଥିଲି। ଏବେ ଘରକୁ ଯାଇଥିଲି। ଯେ ବୋଉ ବହୁତ କହିଲା, "ଯା ଟିକେ କାଳି ମାଉସୀଙ୍କୁ ଦେଖି ଆସିବୁ। ସେ ତତେ ବହୁତ ଖୋଜୁଥିଲେ"।

ପଚିଶି ବର୍ଷର ଦୀର୍ଘ ବ୍ୟବଧାନ ପରେ ଉତ୍ସୁକତାବଶତଃ ମୁଁ ତାଙ୍କଘରକୁ ଯାଇ ଦେଖି ଆଶ୍ଚର୍ଯ୍ୟ ହେଲି। ଘର ବାହାରେ, ଛୋଟ ଘରଟିରେ ବୃଦ୍ଧା କାଳି ମାଉସୀ ଅଲୋଡା ପୁରୁଣା ଜିନିଷଟି ପରି ପଡିଛନ୍ତି। ଦେହରେ ବାଗରେ ଖଣ୍ଡେ ଲୁଗା ନାହିଁ। କେବେଠାରୁ ବିଛଣା ଯେମିତି ସଫା ହେଇନି ସେମିତି ଗୋଟେ ମଳିର ବାସ୍ନା। ମୁଁ ଦି'ଟା ମିଠା ନେଇଥିଲି। ଉଠେଇ ତାଙ୍କୁ ଟିକେ ଖାଇବାକୁ ଦେଲି। କିଛି ନ କହି ମେଞ୍ଚାଏ ଲୁହ ନିଗାଡିଲେ ମୃତବତ୍ ପ୍ରାଣରୁ। ସେ ଲୁହରେ ତାଙ୍କ ଉନ୍ମନା ମନର ହଜିଲା ଅତୀତର ସବୁ ଆବେଗ, ଅଭିମାନ ବୋହି ଆସୁଥିଲା। ପିଲା ବୋଲି କହି ଯାହାକୁ ଆବୋରି ଥିଲା, ସେମାନେ ତାଙ୍କ ସୁଖର ରାସ୍ତାରେ ଖୁସିକୁ ଗୋଟୋଉ ଥିଲେ। ଦିଅରଙ୍କ ତିନୋଟି ପିଲାର ସଯତ୍ନ ଲାଳନ ପାଳନ ପରେ ସେମାନେ ଉଚ୍ଚ ଶିକ୍ଷିତ ହେଲେ ଓ ସମସ୍ତେ ମୋଟା ଅଙ୍କର ଦରମାରେ ଅବସ୍ଥାପିତ ହେଲେ। ବାପମାଆଙ୍କ ପଦାଙ୍କ ଅନୁସରଣକରି ସମସ୍ତେ ପ୍ରେମରୋଗରେ ପୀଡିତ ହେଲେ ଓ ସମସ୍ତଙ୍କୁ ବେଖାତିର କରି ଜାତିଅଜାତି ନ ଦେଖି ବାହାହୋଇପଡିଲେ। ଗୃହ ଯୁଦ୍ଧର ଶଙ୍କାରେ କାଳିମାଉସୀ ଅମଙ୍ଗ ହେବାରୁ କୋଣଠେସା ହୋଇପଡିରହିଲେ। ପିଲାମାନେ ଓ ତାଙ୍କ ବାପାମାଆ ବି ଭୁଲିଗଲେ କାଳିମାଉସୀଙ୍କ ମାତୃରୂପିଣି ଯଶୋଦା ଭୂମିକାଟି। ଘରେ କାହାରି ରାତିଅଧରେ ଦେହ ଖରାପହେଲେ ଡକା ପଡେ ଆମ କାଳିମାଉସୀଙ୍କୁ। ବୃଦ୍ଧ ଶାଶୁଶ୍ୱଶୁର ବୟସ ଥିଲାବେଳେ ନାତିନାତୁଣୀଙ୍କ ମୋହରେ ନିଃସର୍ତ୍ତରେ ତାଙ୍କ ବାପାମାଆଙ୍କୁ ଭାରି ଭଲପାଉଥିଲେ। ସମସ୍ତଙ୍କର ସେବିକା। ଶ୍ୱଶୁରଙ୍କ ହୁକାଟଣା ସରଞ୍ଜାମକୁ, ଶାଶୁଙ୍କ ଠାକୁର ପୂଜା, ପିଲାଙ୍କ ସ୍କୁଲ ବ୍ୟାଗ, ଜାମାପଟା, ଜୋତା, ଟିଫିନ ଯୋଗାଡ, ଅତିଥି ଅଭ୍ୟାଗତି ଚର୍ଚ୍ଚା, ଘରର ଯାବତୀୟ କାମ ବେଳକୁ ଡାକ ପଡେ କାଳିମାଉସୀ। ନିଜର ପଠନୀୟ ମେଧାଯୋଗୁ ପିଲାମାନଙ୍କୁ ବସି ସନ୍ଧ୍ୟାରେ ପଢାଏ। ପରିଣତ ବୟସରେ ଗୋଡ ହାତ ଅଚଳ ହେବାରୁ କାଳିମାଉସୀଙ୍କ ସେବାକୁ ଭରସାକରି ଶାଶୁଶ୍ୱଶୁର ତାଙ୍କରି ପାଖରେ ଆଶ୍ରାଗଲେ। ବିରାଡି କପାଳକୁ ଶିଖା ଛିଣ୍ଡିଲା ପରି ଦିଅରଯାଆଙ୍କୁ ଏହି ଦୁରଭିସନ୍ଧି ଆୟୋଜନଟି ସୁହାଇଲା। ସ୍ୱାମୀଙ୍କ ଅକସ୍ମାତ ଦେହାନ୍ତ ପରେ ଦିଅରଙ୍କ ବଡପୁଅ ପୁନର୍ବାସ ଯୋଜନାରେ ତାଙ୍କ ଜାଗାରେ ଚାକିରି ପାଇଲା। ଫନ୍ଦିଫିକର କରି ମାଉସୀର ସବୁ ଜମି ନିଜ ନାମରେ କରିନେଲେ। ରୋଗଗ୍ରସ୍ତ ଶାଶୁଶ୍ୱଶୁର ମାଉସୀକୁ ଘାଣ୍ଟି ଘାଣ୍ଟି ଶେଷରେ ଡକାଡକି ହୋଇ ଚାଲିଗଲେ। ଷାଠିଏ ବର୍ଷର ନିଃସ୍ୱ ବିଧବା କାଳିମାଉସୀ। ସରକାରଙ୍କ ପ୍ରଦତ୍ତ ବିଧବା ଭତ୍ତା ହିଁ ଏକମାତ୍ର ସମ୍ବଳ। ଯାହାକୁ ମଣିଷ କରି ଗଢି ତୋଳିଥିଲା ସେମାନେ ବିବେକଶୂନ୍ୟ ହୋଇ ଭୁଲିଗଲେ। ଅଲୋଡା ହୋଇଗଲା କାଳିମାଉସୀ। କେବେ କେବେ ମନ ହେଲେ ତାକୁ ଚାହିଁ ଯାଉଥିଲେ। ନ ହେଲେ ବନ୍ୟ ପଶୁକୁ ଦେବା ଭଳି, ଖାଇବା ଦୁଆର ମୁହଁରେ ଠିଆହେଇ ଠେଲି ଦେଇଯାଉଥିଲେ। ବଞ୍ଚିବାର ସ୍ପୃହା ନ ଥିଲା ତାଙ୍କ ପାଖରେ। ସାରା ପରିବାରଟିର ବଳାହକ, ସଞ୍ଚାଳକ ଓ ଅନୁପ୍ରାସ ସାଜିଥିବା ମାଉସୀଟି ଜାଙ୍ଗମିକ ପରିସ୍ଥିତିରେ ତଥା ବୟସର ଅପରାହ୍ନରେ ଏବେ ସାମର୍ଥ୍ୟଶୂନ୍ୟ ବଲ୍ମୀକ। ସ୍ୱାର୍ଥପର ଆତ୍ମୀୟମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ସେ କେବଳ ମୃତ୍ୟୁକୁ ଅପେକ୍ଷା କରିଥିଲେ। ହେଲେ ତାଙ୍କ କଷ୍ଟ ସହି ହେଉନଥିଲା। ବାୟାଣୀ ପରି ମୁଣ୍ଡ ନୂଆଁଇ ତାଙ୍କରି କୋଳରେ ଅଶ୍ରୁବର୍ଷଣ କରି ଚାଲିଥିଲି।

ବୁର୍ଲା, ସମ୍ବଲପୁର
ମୋ:-୯୪୩୯୨୧୧୯୭୧

ଜୀବନର ଗାଡି

ଦୀପକ କୁମାର ମିଶ୍ର

ଜୀବନର ଗାଡି ଚାଲେ
ବରମୁଣ୍ଡାରୁ ବାଦାମବାଡ଼ି,
ମଝି ମଝିରେ ଛୋଟମୋଟ ଜଞ୍ଜାଳିଆ
ଷ୍ଟପେଜ୍ ରେ ରହଣି ,
ହେଲେପର ଟୋକା ଛାଡେ ରଡି ରହି ରହି
ଗାଡି ଖୋଜେ ଯେବେ ବିଶ୍ରାମ ନିହାତି,
ଓହ୍ଲା ଚଢା, ଧକ୍କା ମୁକ୍କାରେ
ବଢିଚାଲେ ନିଶ୍ୱାସର ଗତି
ମଝି ସିଟ୍ ରେ ବସେ ଯାଇ ଟିକେଟ
ଖଣ୍ଡେ କାଟି,
ଜୀବନର ଗାଡି.....
ଚାଲେ ବରମୁଣ୍ଡାରୁ ବାଦାମବାଡ଼ି ।
ଜଗା ଭରସାରେ., ଫେଲା ଠେଲା ଭିତରେ,
ମୁଣ୍ଡିଆଟିଏ ମାରି
ଲୋକେ ଗାଡିରେ ଚଢ଼ନ୍ତି,
ସିଟ୍ ପାଇଲେ ଭଲ.
ନ'ତୁବା ଛିଡାହୋଇ ବି ଯାଆନ୍ତି ।
ବାଣୀବିହାର, ରସୁଲଗଡ
ପରେ, ପାହାଳ
ନଖରା ଡେଇଁଲେ
ଲିଙ୍କରୋଡ଼ରୁ ବାମକୁ ମୋଡିଲେ
ବାଦାମବାଡ଼ି ଆସେ,
ହେତୁ ନ'ରହିଲେ ପକେଟମାର୍ ହୁଏ
ସବୁ ଦିନଯାକର ଯେ ପୁଞ୍ଜି.,
ଭାଇ ଜୀବନର ଗାଡି.....
ଚାଲେ ବରମୁଣ୍ଡାରୁ ବାଦାମବାଡ଼ି ।
ଏଠିମନ ଚଳାଏ ଗାଡିବସିଡ୍ରାଇଭର ସିଟ୍‌ରେ,
ବିବେକୀ ଚାଳକ ଘ୍ଲାନ୍ତି
ବସି ପଛ ସିଟ୍ ରେ,
ପ୍ରବୃତି ହୁଇସିଲ ଫୁଙ୍କ ? ପାପ ହମ୍ବ ପଡିଲେ,
ମନ ଟାଣେ ବ୍ରେକ୍ ନିଜ ଝିଆଲି ଇଛାରେ,
ଧର୍ମବାଡ଼ିରୁ ଖସେ ହାତ
ପାପପୁଣ୍ୟର ମାପରେ ।
ହଜିଯାଏ ବୁଦ୍ଧିର ବଟୁଆ
ଗାଡି ଯେବେ ଫସେ ଅଧର୍ମ ଖାଲରେ.,
ଫେରିବାକୁ ନଥାଏ ବାଟ
ଏକପାଖିଆ ଅଫେରନ୍ତା ରାସ୍ତାରେ,
ଗଡ଼ିବାକୁ ବାଧ୍ୟ ଗାଡି ଆଗକୁ ଆଗକୁ
ଏ ଜୀବନ ରାସ୍ତାରେ....., ।
ଅବିରତ ଚାଲିଛି, ଚାଲିବ ଏ ଗାଡି,
ବରମୁଣ୍ଡାରୁ ବାଦାମବାଡ଼ି
ବରମୁଣ୍ଡାରୁ ବାଦାମବାଡି ।

ଭୁବନେଶ୍ୱର
ମୋ- ୮୨୮୦୨୧୧୦୦୦

ଭଲ ଲାଗେ ମତେ ଭଲ ଲାଗେ

ଅନସୂୟା ମହାପାତ୍ର

ଭଲ ଲାଗେ ମତେ ଭଲ ଲାଗେ
ପ୍ରଭାତର ସେଇକଅଁଳ ପରଶେ
ଆକାଶେ ମୁରୁଜ ବୁଣି ହୁଏ,
ଭଲ ଲାଗେ ଭାରି ଭଲ ଲାଗେ।।
ଭଲ ଲାଗେ ମତେ ଭଲ ଲାଗେ
ପକ୍ଷୀ କାକଳି ରେ ଧୀର ପବନରେ
ବଗିଚାରେ ଫୁଲ ହସୁଥାଏ,
ଭଲ ଲାଗେ ଭାରି ଭଲ ଲାଗେ।।
ଭଲ ଲାଗେ ମତେ ଭଲ ଲାଗେ
ସୂର୍ଯ୍ୟ ?ଦୟକାଳୁ ସୂର୍ଯ୍ୟ ଅସ୍ତ ଯାଏ
କର୍ମଠ ଲୋକଟି ଧାଉଁଥାଏ,
ଭଲ ଲାଗେ ଭାରି ଭଲଲାଗେ।।
ଭଲ ଲାଗେ ମତେ ଭଲ ଲାଗେ
ଅସୁମାରୀ ସ୍ୱପ୍ନ ଆଖିରେ ଜଗାଇ
ଅଳସ ରାତିଟି ଆସିଯାଏ,
ଭଲ ଲାଗେ ଭାରି ଭଲ ଲାଗେ ।।
ଭଲଲାଗେ ମତେ ଭଲ ଲାଗେ
ମନକୁ ଶୀତ

ମୋ ଓଡ଼ିଶା

ଭବାନୀପୁର ବସ୍ତିର ମୌଳିକ ସମସ୍ୟାର ସମାଧାନ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍) : ରାଉରକେଲା ମହାନଗର ନିଗମ ଅ'ର୍ଗତ ୩୧ ନମ୍ବର ୱାର୍ଡର ଭବାନୀପୁର ବସ୍ତିରେ ଲାଗିରହିଥିବା ମୌଳିକ ସମସ୍ୟାଗୁଡିକର ସମାଧାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଗତକାଲି ଭବାନୀପୁର ବସ୍ତିର ସା'ାଳ ଟୋଲି ଓ ମୁଣ୍ଡାଟୋଲି ଇତ୍ୟାଦି ଅଞ୍ଚଳ ବୁଲି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ କେନ୍ଦ୍ର ସରକାରଙ୍କ ୟୁଆଇଡିଏସ୍‌ଏମ୍‌ପି ସ୍କିମ୍‌ରେ ସହରବାସୀଙ୍କୁ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଥିବାର ଡିଣ୍ଡିମ ପିଟାଯାଉଥିବା ବେଳେ ଉକ୍ତ ବସ୍ତି ଅଞ୍ଚଳର ଲୋକମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସଠିକ୍ ଭାବେ ମିଳୁନଥିବା ବସ୍ତିବାସୀ ପ୍ରକାଶ କରିଥିଲେ । ୨୪ ଘଣ୍ଟା ଭିତରେ ୧୫ରୁ ୨୦ ମିନିଟ୍ ପାଇଁ ପାଇପ୍ ଜଳ ଯୋଗାଣ ହେଉଥିବା ବେଳେ ପାଣିର ପ୍ରେସର ନଥିବାରୁ ଖୁବ୍ କମ୍ ପାଣି ବସ୍ତିବାସୀମାନେ ପାଉଛଁ ବୋଲି ଅଭିଯୋଗ କରିଥିଲେ । ଅପରପକ୍ଷରେ ପାଣି ବିଲ୍ ବହୁତ ଅଧିକ ଆସୁଛି ବୋଲି ପ୍ରକାଶ କରି ଲଗାଯାଇଥିବା ମିଟର ସମ୍ପର୍କରେ ଆବଶ୍ୟକୀୟ ଯାଞ୍ଚ ପାଇଁ ଦାବି କରିଥିଲେ । ଅନୁରୂପ ଭାବରେ ଉକ୍ତ ବସ୍ତି ଅଞ୍ଚଳରେ ଅଦ୍ୟାବଧି ବିଭିନ୍ନ ସ୍ଥାନରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇନଥିବା ବେଳେ ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳରେ ନାଳି ନିର୍ମାଣ ହୋଇନଥିବାରୁ ବସ୍ତିବାସୀ ସେମାନଙ୍କ ବ୍ୟବହୃତ ମଇଳା ଜଳ ନିଷ୍କାସନରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛଁ । ବସ୍ତି ମଧ୍ୟରେ ଆବଶ୍ୟକୀୟ ରାସ୍ତା ଆଲୋକ ଅଭାବରୁ ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳରେ ଅନ୍ଧାର ରାଜୁତି କରୁଛି । ବସ୍ତି ଲାଗି ରହିଛି ଏକ ବିରାଟ ଅଞ୍ଚଳ ରହିଛି ଯାହା ବଣବୁଦା ଓ ନର୍ଦ୍ଦମାରେ ପରିପୂର୍ଣ୍ଣ ଅବସ୍ଥାରେ ଥିବାରୁ ସେଠାରେ ମଶାମାଛି ପ୍ରାଦୁର୍ଭାବ ସର୍ବଦା ଲାଗି ରହିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ତେଣୁ ଏସବୁ ସମସ୍ୟାର ସମାଧାନ ଦାବି ପାଇଁ ବସ୍ତିବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କହିଥିଲେ । ଶ୍ରୀ ସେନାପତି ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳ ପରିଦର୍ଶନ କରି ସମସ୍ତ କଥା ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏସବୁ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ଦଳୀୟ କର୍ମକର୍ତ୍ତା ଉପସଭାପତି ସ'ାଷ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ସେବାଦଳର ବୁଲୁ ଦାସ, ଏସ୍‌ସି ସେଲ୍ ବ୍ଲକ୍ ଅଧ୍ୟକ୍ଷ ଶ୍ୟାମ ସାଗର, ଯୁବନେତା ସୋନୁ ସାହୁ, ଧନଯ ମୁଣ୍ଡା ପ୍ରମୁଖଙ୍କ ସମେତ ବହୁ କର୍ମୀ ଏହି ଗସ୍ତରେ ସାମିଲ୍ ହୋଇଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ସହରରେ ଲାଗିଥିବା ନିର୍ବାଚନୀ ବ୍ୟାନର ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର (ପିଏନ୍)- ନିକଟରେ ପଞ୍ଚାୟତ ଓ ପୌର ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ସହରରେ ନିର୍ବାଚନୀ ବ୍ୟାନର, ପୋଷ୍ଟର ଲାଗି ରହିଥିବା ବେଳେ ଏହାକୁ ତୁରନ୍ତ ହଟାଇବା ପାଇଁ ଦାବି କରି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଳ୍ପିଂ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଭବେଶ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନିର୍ବାଚନ ସରିଥିଲେ ମଧ୍ୟ ସହରରେ ବହୁ ବ୍ୟାନର, ହୋଡିଂ ବିଭିନ୍ନ ସ୍ଥାନରେ ଲାଗି ରହିଛି । ଏହା ସହରର ସୁନ୍ଦରତାକୁ ନଷ୍ଟ କରୁଛି । ବାଲେଶ୍ୱର ଭଳି ଏକ ଶିକ୍ଷିତ ଜିଲ୍ଲାରେ ନିର୍ବାଚନ ପରେ ଏଭଳି ପୋଷ୍ଟର, ବ୍ୟାନର ଲାଗିବା ଶୋଭନୀୟ ନୁହଁ ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି । ସୋସାଇଟି ର ସଭାପତି ହ୍ରୀତିକ ନାୟକଙ୍କ ନେତୃତ୍ୱରେ ଉପସଭାପତି ସେକ ନାଜିମ, ଜୀବନ ସଂଗ୍ରାମ ମିଶ୍ର, ରଜତ କୁମାର ଘଡ଼େଇ, ଅରୂପ କୁମାର ସାହୁ, ଅଭିଜିତ ଦେବନାଥ, ଦିବ୍ୟରଞ୍ଜନ ଦାସ, ସେକ ଅର୍ଫାନୁଦ୍ଦିକ, ସୁମିତ ରଞ୍ଜନ କର, ବିରେନ୍ଦ୍ର ଚୌଧରୀ, ଅବନିଶଙ୍କର ଦାସ, ଚିନ୍ମୟ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ଦାବିପତ୍ର ପ୍ରଦାନ କରିଥିଲେ ।

ପଦ୍ମଶ୍ରୀ ପ୍ରଫୁଲ୍ଲ କର ଥିଲେ ଉତ୍କଳ ସଂଗୀତ ଜଗତର ଭୀଷ୍ମ ପିତାମହ

ଭୁବନେଶ୍ୱର (ପିଏନ୍): ବରିଷ୍ଠ ସଂଗୀତଜ୍ଞ, ଭାଷା ଆନ୍ଦୋଳନର ସଦସ୍ୟ, ଓଡ଼ିଶାର କଳା, ସଂସ୍କୃତିର ଉଜ୍ଜ୍ୱଳମୟ ଜ୍ୟୋତିଷ୍କ ତଥା ସଙ୍ଗୀତ ଜଗତର ଭୀଷ୍ମ ପିତାମହ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ଶତପଥୀ ମତବ୍ୟକ୍ତ କରି କହିଥିଲେ ଯେ, ସ୍ୱର୍ଗତଃ କର ଥିଲେ ପ୍ରବୀଣ ସ୍ତମ୍ଭକାର, ସାହିତ୍ୟିକ । ସଂଗୀତ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ଚିରସ୍ମରଣୀୟ ହୋଇ ରହିବା ସହିତ ନୂତନ ଯୁବକମାନଙ୍କୁ ଓଡ଼ିଶାର ସଂଗୀତ ପ୍ରତି ପ୍ରୋତ୍ସାହିତ କରି ଆସୁଥିଲେ । ଓଡ଼ିଶା ସଂଗୀତର ମାନକୁ ନିର୍ଦ୍ଦେଶନା ମଧ୍ୟମରେ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ନେଇଥିଲେ । ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଓଝା, ଡକ୍ଟର ଅସିତ ଦାସ, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ରହି ପଦ୍ମଶ୍ରୀ କରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ

ଖୋର୍ଦ୍ଧା (ପିଏନ୍)- ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କରସ ଆସୋସିଏସନ୍ ନିଷ୍ପତି କ୍ରମେ ଖୋରଧା ଜିଲ୍ଲା ତରଫରୁ ତା.୦୭.୦୪.୨୦୨୨ରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୧୫ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ଦାବୀ ଗୁଡ଼ିକ ହେଲା ସରକାରୀ କର୍ମଚାରୀର ମାନ୍ୟତା ଦିଆଯାଉ, ଯେ ପର୍ଯ୍ୟନ୍ତ ଦିଆ ନଯାଇଛି ସେ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ୨୧ହଜାର ଓ ସହାୟିକାଙ୍କୁ ୧୫ହଜାର ଟଙ୍କା ଦିଆଯାଉ । ୨୦୧୯ରେ ଘୋଷଣା କରାଯାଇଥିବା ଅବସର କାଳୀନ ସହାୟତା ରାଶି ଯୋଗାଇ ଦିଆଯାଉ ଓ ସମୟ ଅନୁସାରେ ଅବସରକାଳୀନ ସହାୟତା ୫ ଲକ୍ଷକୁ ବୃଦ୍ଧି କରାଯାଉ । ଆନ୍ଦୋଳନ ସମୟରେ କାର୍ଯ୍ୟରୁ ବହିଷ୍କୃତ ୭ଜଣ କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉ । ୨୦୨୦ ନୂତନ ଶିକ୍ଷା ନୀତି ଅନୁସାରେ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ ପ୍ରାଥମିକ ଶିକ୍ଷକର ମାନ୍ୟତା ଦିଆଯାଉ । ମିନି ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ଦିଆଯାଉ । ଅଙ୍ଗନୱାଡ଼ି କର୍ମୀ ଓ ମୀନି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଶତପ୍ରତିଶତ ସୁପରଭାଇଜର ପଦନ୍ନତି ଦିଆଯାଉ । ବାହାରୁ ନ ନେଇ ବରିଷ୍ଠତା ଭିତିରେ ସ୍ନାତକ ଡ଼ିଗ୍ରୀ ହାସଲ କରିଥିବା ସୁପର ଭାଇର୍ଜର ଭାବରେ ନିଯୁକ୍ତି ଦିଆଯାଉ । କରୋନା ସମୟରେ ମୃତ୍ୟୁ ବରଣ କରିଥିବା ସହାୟିକାଙ୍କୁ ଭାରତ ସରକାରଙ୍କ ଘୋଷିତ ୫୦ ଲକ୍ଷ ଟଙ୍କା ବୀମା ଓ ୨୪ ମଇ ୨୦୨୧ରେ ରାଜ୍ୟ ସରକାର ଘୋଷିତ ୬୦ବର୍ଷ ପର୍ଯ୍ୟନ୍ତ ୭୫୦୦ ଓ ପରିବାର ଜଣଙ୍କୁ ନିଯୁକ୍ତି ଦିଆଯାଉ । ବଜାର ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରାଯାଉ । ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବଳିଷ୍ଠତା ଭିତିରେ ଦରମା ବୃଦ୍ଧି କରିବା ସହିତ ବର୍ଦ୍ଧିତ ଦରମା ଦିଆଯାଉ । ପୋଷଣ କାର୍ଯ୍ୟ ଓ ସମସ୍ତ ଅନ୍‌ଲାଇନ କାର୍ଯ୍ୟ ସଠିକ୍ ତଥା ଠିକ୍ ଭାବରେ କରିବା ପାଇଁ ଉନ୍ନତମାନର ମୋବାଇଲ ଯୋଗାଇ ଦିଆଯାଉ । ଏତତ୍ ସହିତ ଖୋରଧା ଉପଜିଲ୍ଲାପାଳ ସରକାରଙ୍କର ନିର୍ଦ୍ଦେଶ ନାମାକୁ ଉଲଙ୍ଘନ କରି ଖୋରଧାରେ ୩ଜଣ ସହାୟିକା ଓ ଜଣେ କର୍ମୀଙ୍କୁ ୬୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ନ ଦେଇ ୬୦ ବର୍ଷରେ ବିନା ସୂଚନାରେ ବହିଷ୍କୃତ କରିଥିବାରୁ ଏହାର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଉପଜିଲ୍ଲାପାଳ ନିଜ ପଦବୀ ଅପବ୍ୟବହାର କରିବା ଓ ଖୋରଧା ସିଡ଼ିପିଓଙ୍କ ଭୁଲ ପଦକ୍ଷେପ ଘଂଟ ଘୋଡ଼ାଇ ତାଙ୍କୁ ସୁରକ୍ଷା ଦେଇଥିବା କଥା ବକ୍ତବ୍ୟରେ କୁହାଯାଇଥିଲା । ସରକାରଙ୍କ ଦ୍ୱାରା ଘୋଷିତ ୬୦ବର୍ଷରୁ ୬୨ବର୍ଷକୁ ଅଣଦେଖା କରି ଉପଜିଲ୍ଲାପାଳ ସାମ୍ବିଧାନିକ ନୀତି ନିୟମକୁ ପାଦରେ ଦଳି ଚକଟି ସେମାନଙ୍କର ଅଧିକାରକୁ ପାଇବା ପାଇଁ ବଂଚିତ କରିଥିବାରୁ ଜିଲ୍ଲା ସଭା ନେତ୍ରୀ ପ୍ରଭାତୀ ମଙ୍ଗରାଜ ଓ ସମ୍ପାଦିକା ବିନୀତାଞ୍ଜଳୀ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏଥିରେ ସଂଘର କୋଷାଧ୍ୟକ୍ଷ କୁଞ୍ଜଲତା ଦାସ ଭାରତୀୟ ମଜଦୁର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ପାଟିଲ ରେଲୱେ ମଜଦୁର ସଂଘର ଉପଦେଷ୍ଟା ଶ୍ରୀରଂଜନ ମଙ୍ଗରାଜ ଖୋରଧା ଜିଲ୍ଲା ବି.ଏମ.ଏସ୍‌ର ସହସମ୍ପାଦକ ପାର୍ଥଶାରଥୀଙ୍କ ସହିତ ଖୋରଧା ଜିଲ୍ଲାର ଅଙ୍ଗନୱାଡ଼ି ସଂଗଠନର ବ୍ଲକ୍ ପଦାଧିକାରୀଙ୍କ ସହିତ ଶତାଧିକ କର୍ମୀ ଓ ସହାୟିକା ସାମିଲ ଥିଲେ ।

ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘର ୯ ଦଫା ଦାବି ପୁରଣ ନେଇ ବୈଠକ

ବାଲେଶ୍ୱର (ପିଏନ୍)- ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଜି. ଶିକ୍ଷକ ସଂଘର ୧୬୮ ତମ ରାଜ୍ୟ କାର୍ଯ୍ୟକରିଣୀ ବୈଠକ ବାବା ସାଗର ବିଦ୍ୟାପିଠରେ ସଂଘର ରାଜ୍ୟ ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୯ ଦଫା ଦାବି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯେପରି କି ୨୦୧୯ ଏଲିମେଣ୍ଟାରୀ କ୍ୟାଡର ସ୍କୁଲକୁ ସଂସଦନ କରିବା, ପୁରୁଣା ପେନ୍ସନ ନିତିକୁ ପ୍ରଚଳନ କରିବା, ଏବିଇଓ ମାନଙ୍କୁ ୪୬୦୦ ଟଙ୍କା ଜି.ପି ଦେଇ ସେନିଅନସେସ୍ ସହ ସମାନ କରିବା, ଏଲିମେଣ୍ଟାରୀ ଶିକ୍ଷକଙ୍କ ପାଇଁ ବିଦ୍ୟାଳୟରେ ଷ୍ଟାଫିଙ୍ଗ ପେଟେନ ତିଆରି କରିବା, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପଦୋନତିରେ ରିଲାୟସନକୁ ଲାଗୁ କରିବା, ବି.ଏ.ସିଟି / ବି.ଏସସି.ସିଟି ଶିକ୍ଷକଙ୍କୁ ସମର କୋର୍ସ ମାଧ୍ୟମରେ ଡିଇଡି ପାଇଁ ସୁଯୋଗ ଦେବା, ପ୍ରାଥମିକ ଶିକ୍ଷକଙ୍କ ସର୍ବ ନିମ୍ନ ଯୋଗ୍ୟତା +୨ ସିଟି ହୋଇଥିବାରୁ ପ୍ରାଥମିକ ଶିକ୍ଷକଙ୍କୁ ୨୮୦୦ ଟଙ୍କା ଜି.ପି ଓ ବିଇଡି ଶିକ୍ଷକଙ୍କୁ ବିଇଡି ସ୍କେଲ୍ ୪୨୦୦ ଟଙ୍କା ଜି.ପି ଦିଆଯିବା, ସମର୍ ଭେକେସନ ପୂର୍ବ ପରି ଚାଲୁ ରଖିବା ଏବଂ ଡିଇଓ, ଡିପିସି ଡିଓ୍ୱାଇ ଡାଇରେକ୍ଟର ଓ ଜଏଣ୍ଟ ଡାଇରେକ୍ଟର ଆଦି ପଦପି ଓଏଏସ ବଦଳରେ ଓଏଏସ ଯୋଗ୍ୟତାଧାରୀ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଉ ବୋଲି ସାଧାରଣ ସଂପାଦକ ମୁରଲାଧର ନାୟକ ଏହି ୯ ଦଫା ଦାବି ଉପରେ ଗୁରୁତ୍ୱ ଦେବା ସହ ସଂପାଦକ ସନ୍ତୋଷ କୁମାର ମିଶ୍ର, ବଳରାମ ପତି, ଜାକିର ହୁସେନ, ଅଞ୍ଚ କୁମାର ରାଉତରାୟ, ସତ୍ୟବ୍ରତ ମିଶ୍ର, ବଳରାମ ରାଉତ, ସର୍ବେଶ୍ୱର ମଲ୍ଲିକ, ସୁବାଶ ଦାସ ଓ ଗୁରୁ ପ୍ରସାଦ ଦାସ ପ୍ରମୁଖ ଏହି ବୈଠକରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସରକାର ଏଥିପ୍ରତି କର୍ଣ୍ଣପାତ ନ କଲେ ରାଜଧାନୀରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସିଦ୍ଧାନ୍ତ ନେଇଥିଲେ । ଏହି ବୈଠକରେ ପ୍ରେମାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଅକ୍ଷ ମିଶ୍ର, ସର୍ବେଶ୍ୱର ମଲ୍ଲିକ, ଅଶୋକ ପରିଡ଼ା, ଧନେଶ୍ୱର ବରାଳ, ଅକ୍ଷୟ ପୃଷ୍ଟି, ଗୋରାଚାନ୍ଦ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ଏବଂ ଅଞ୍ଚନ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଶହୀଦ୍ ରଘୁ-ଦିବାକରଙ୍କ ଆତ୍ମବଳିଦାନ ଅତୁଳନୀୟ

ଭୁବନେଶ୍ୱର (ପିଏନ୍): ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱନେଇ ଶହୀଦ୍ ହୋଇଥିବା ନୟାଗଡ଼ ମାଟିର ବୀର କବି, ବିପ୍ଳବୀ ଶହୀଦ୍ ରଘୁ-ଦିବାକରଙ୍କର ୮୨ତମ ବଳିଦାନ ଦିବସ ସ୍ଥାନୀୟ ୟୁନିଟ୍-୯ ପ୍ରତିମୂର୍ତ୍ତିସ୍ଥଳରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତି ଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ଶହୀଦ୍ ରଘୁ-ଦିବାକରଙ୍କର ମା' ମାଟି ଓ ମାତୃଭାଷା ପାଇଁ ଅବଦାନ ଅତୁଳନୀୟ । ତତ୍କାଳୀନ ଅତ୍ୟାଚାରୀ ରାଜାଙ୍କ କବଳରୁ ସାଧାରଣ ପ୍ରଜାଙ୍କୁ ମୁକ୍ତି ଦେବାରେ ତାଙ୍କର ବଳିଦାନ ଆଜି ବି ଚିରସ୍ମରଣୀୟ ହୋଇରହିଛି । ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସରକାରଙ୍କ ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା, ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ସୁରେନ୍ଦ୍ର ସାହୁ ଯୋଗଦେଇ ଶହୀଦ୍‌ଙ୍କ ସ୍ମୃତିଚାରଣ କରିବା ସହିତ ଆଜିର ଯୁବପୀଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ସାରସ୍ୱତ ପ୍ରତିଭାଧାରୀ ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରାଧ୍ୟାପିକା ବୀଣା ମିଶ୍ର, ଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡା, ଗବେଷକ ଲବଣେଶ୍ୱର ବାରିକ, ସମାଜସେବୀ ନିରଞ୍ଜନ ପରିଡ଼ା, ଦିନେଶ କୁମାର ସ୍ୱାଇଁ, ଲେଖିକା ମନିଷା ରାୟ ଏବଂ 'ବୋଡ'ର ସଂପାଦକ ସଂଜୟ କୁମାର ଚୌଧୁରୀଙ୍କୁ ଶହୀଦ୍ ରଘୁ-ଦିବାକର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସଂଯୋଜନା କରିଥିବାବେଳେ ପ୍ରମୁଖ ସହଯୋଗ କରିଥିଲେ ସତ୍ୟବ୍ରତ, ନାରାୟଣ ଖୁଣ୍ଟିଆ ଓ ସରୋଜ ପଟ୍ଟନାୟକ ।

ଆନ୍ଧ୍ର ସରକାରଙ୍କ କାର୍ଯ୍ୟ ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ମାନ୍ୟବର ସୁପ୍ରିମକୋର୍ଟ ୨୦୦୬ ମସିହାରେ ଖାରଜ ହୋଇଥିବା ମୂଳ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିବା ସହିତ ଆନ୍ଧ୍ର ସମର୍ଥିତ ସରପଞ୍ଚଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ ପିଟିସନକୁ ଖାରଜ କରିଥିବା ବେଳେ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତକୁ ନିଜର ବୋଲି ଦର୍ଶାଇବା ନିନ୍ଦନୀୟ ଓ ଏହା ଆଉ ଏକ ଚକ୍ରାନ୍ତ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ କୁହାଯାଇଛି । କାଠ ଟାଙ୍ଗିଆକୁ କହୁଛି ମୋ ଭାଇ ତୋର ବେଣ୍ଟ ହୋଇଛି ବୋଲି ତୁ ମୋତେ ହାଣୁଛୁ । ସେହି ନ୍ୟାୟରେ ଆମ ଓଡିଆ ଭାଇ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ହେବାପରେ ଆନ୍ଧ୍ରପ୍ରଦେଶ କୋଟିଆରେ ପ୍ରତ୍ୟକ୍ଷ ନିର୍ବାଚନ କରିଛି ଓ ନୂତନ ଜିଲ୍ଲା ଗଠନ କରି କୋଟିଆକୁ ତା ଭିତରେ ରଖିଛି । ସରକାରୀ ବିଜ୍ଞପ୍ତି ରାଜ୍ୟପାଳଙ୍କ ଅନୁମତି ପରେ ପ୍ରକାଶ ପାଇଥାଏ । ସୁପ୍ରିମକୋର୍ଟରେ ମାମଲା ବିଚାରଧୀନ ଥିବା ସମୟରେ କୋଟିଆ ପଞ୍ଚାୟତକୁ ନୂତନ ଜିଲ୍ଲାରେ ସ୍ଥାନ ଦେଇ ନୂତନ ଜିଲ୍ଲା ଗଠନ ବିଲକୁ ମାନ୍ୟବର ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଫେରାଇଦେବା ଉଚିତ ଥିଲା ବୋଲି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ

ଥାନାରେ ପୁଲିସ୍‌କୁ ଆକ୍ରମଣ କରି ମଧ୍ୟସ୍ଥି ଗିରଫ

ଧର୍ମଶାଳା, ୨୩।୪(ପିଏନ୍): ଏକ ବିବାଦର ସମାଧାନ କରିବାକୁ ଧର୍ମଶାଳା ଥାନାକୁ ଆସିଥିବା ଜଣେ ମଧ୍ୟସ୍ଥି ପୁଲିସ୍ ଅଧିକାରୀଙ୍କୁ ଆକ୍ରମଣ କରି ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ଆଦମପୁର ଗ୍ରାମର କିଶୋର ମଲିକଙ୍କୁ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ସ୍ଥାନୀୟ ନିଶିମଳା ଗ୍ରାମର ଜଣେ ସଂପର୍କୀୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଘଟଣାର ସମାଧାନ କରିବା ପାଇଁ ଗତକାଲି ରାତିରେ କିଶୋର ଥାନାକୁ ଆସିଥିଲେ । ବହୁ ସମୟ ଅପେକ୍ଷା କରିବା ସତ୍ତ୍ୱେ ତାଙ୍କୁ ଆଇଆଇସିଙ୍କ ପାଖକୁ ଛଡ଼ା ଯାଇନଥିଲା । ସେ ଆଇଆଇସିଙ୍କ ପ୍ରକୋଷ୍ଠକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଦାୟିତ୍ୱରେ ଥିବା ଜଣେ ଏସ୍‌ଆଇ ତାଙ୍କୁ ଅଟକାଇଥିଲେ । ମାତ୍ର କିଶୋର ଉକ୍ତ ପୁଲିସ୍ ଅଧିକାରୀଙ୍କୁ ଧକ୍କାମାରି ଆଇଆଇସିଙ୍କ ପ୍ରକୋଷ୍ଠକୁ ଧସେଇ ପଶିବା ପାଇଁ ଉଦ୍ୟମ କରୁଥିଲେ । ଏହା ଦେଖି ଅନ୍ୟ ପୁଲିସ୍ କର୍ମଚାରୀ କିଶୋରଙ୍କୁ କାବୁ କରି ନେଇଥିଲେ । ପରେ କାର୍ଯ୍ୟରତ ପୁଲିସ୍ ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା । ପୁଲିସ୍ ୨୧୩/୨୨ନମ୍ବରରେ ଏକ ମାମଲା ରୁଜୁ କରିବା ସହିତ ଗତକାଲି ରାତିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆଜି କୋର୍ଟ ଚାଲାଣ କରିଛି । ଜଣେ ଅଭିଯୁକ୍ତକୁ ମୁକୁଳାଇବାକୁ ଆସି ମଧ୍ୟସ୍ଥି ନିଜେ ଅଭିଯୁକ୍ତ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜାରକାର ପପୁ ସାହୁକୁ ପୁଲିସ୍ ଆଜି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଯୁବତୀଙ୍କ ଘରେ କେହି ନଥିବା ବେଳେ ପପୁ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ପୀଡ଼ିତା ଗତ ୨୦ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୀଡିତାଙ୍କ ସହିତ ପପୁର କୁଆଡ଼େ ବନ୍ଧୁତା ଥିବା ବେଳେ ୪ଦିନ ପୂର୍ବେ ତାଙ୍କ ଡ଼ାକରାରେ ସେ ଯୁବତୀଙ୍କ ଘରକୁ ଯାଇଥିଲା । ହେଲେ ଅସଂଜତ ଅବସ୍ଥାରେ ଧରା ପଡ଼ିଯାଇଥିଲା । ପରେ ଘଟଣାର ସମାଧାନ ଉଦ୍ୟମ ବିଫଳ ହୋଇଥିଲା । ଫଳରେ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୁଲିସ୍ ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

କୋଭିଡ ଆଇନ୍ ମାନି ଶ୍ରୀମନ୍ଦିର ଖୋଲିବାକୁ ଦାବି

ସ୍ୱର ଉଠାଇଲା ଜନଜାଗରଣ ମଂଚ

ପୁରୀ, (ପିଏନ)- ରାଜ୍ୟ ସରକାର କୋଭିଡ୍ ନିୟମ ମାନି ହୋଟେଲ, ସପିଂ ମଲ, ପାର୍କ ଓ ବସ୍ ଚଳାଚଳ ପାଇଁ ଅନୁମତି ଦେଇଥିବା ବେଳେ କାହିଁକି ଶ୍ରୀମନ୍ଦିର ସେହି ଆଇନ ଅନୁସାରେ ଖୋଲିବେ ନାହିଁ ବୋଲି ଆଜି ସିଂହଦ୍ୱାର ଠାରେ ଜନଜାଗରଣ ମଂଚ ତାର ସ୍ୱର ଉତୋଳନ କରିଛି । ଏହା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଏକ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ମାର୍ଚ୍ଚ ମାସରୁ ଶ୍ରୀମନ୍ଦିର ବନ୍ଦ ହେବା ଯୋଗୁଁ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀକୁ ନଆସିବାରୁ ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ସେବାୟତ ଓ ମନ୍ଦିର ଚାରିପଟେ ଶହ ଶହ ଉଠାଦୋକାନୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ରାଜ୍ୟ ସରକାର ମନ୍ଦିର ଖୋଲନ୍ତୁ ନଚେତ୍ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ମଂଚ ଦାବି କରିଛି । ରାଜ୍ୟ ସରକାର ଦୈନିକ ସୀମିତ ସଂଖ୍ୟକ ଭକ୍ତଙ୍କୁ ସାନିଟାଇଜର, ଥର୍ମାଲ ଟେଷ୍ଟିଂ କରି ଛାଡିବା ପାଇଁ ନିବେଦନ କରିଛନ୍ତି । ଜନଜାଗରଣ ମଂଚର ଜ୍ୟୋତିରଞ୍ଜନ ନାୟକ ଓ ଆଇନ ଉପଦେଷ୍ଟା ଅନୀଲ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖୁଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

ଯାଜପୁର ଜିଲ୍ଲା ଯୁବ ବିଜେଡି ପୁର୍ନଗଠନ

କୋରେଇ, (ପିଏନ)-ଯାଜପୁର ଜିଲ୍ଲାବିଜୁ ଯୁବ ଜନତା ଦଳ ପକ୍ଷରୁ ୧୦ଟି ବ୍ଲକ ୨ଟି ମ୍ୟୁନିସପାଲଟି ସମେତ ଜିଲ୍ଲା କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଥିବା ଜିଲ୍ଲା ସଭାପତି ପ୍ରତାପ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ନୂତନ ଟିମରେ ଜିଲ୍ଲା ଉପସଭାପତି ଭାବେ ଦେବଦତ ଦାସ, ସୌଭାଗ୍ୟ କୁମାର ମହାନ୍ତି, ନରେନ୍ଦ୍ର କୁମାର ନାୟକ, ସୁବ୍ରତ ଧଳ, ମାନସ ରଂଜନ ଜେନା, ବିରଜା ମଲ୍ଲିକ, ଶାନ୍ତନୁ ରାଉତ ସାଧାରଣ ସମ୍ପାଦକ ଭାବେ ପାର୍ଥସାରଥି ରାୟ, ତାରକ ଅଜିଜ, ବିକାଶ ଦାସ, ମନୋଜ ରାଉତ, କାଜଲ କିରଣ ପ୍ରଧାନ, ସୁଧାଂଶୁ ରାଉତ, ସୁଧାଂଶୁ ବରାଳ, ଜିଲ୍ଲା ସମ୍ପାଦକ ଭାବେ ପ୍ରଶାନ୍ତ ଦାସ, ରଜତ ରାଉତ, ସୁଶାନ୍ତ କୁମାର ରାଉତରାୟ, ଶ୍ରୀ କୁମାର ପାତ୍ର, ସୌମ୍ୟ ରଜନ ମହାପାତ୍ର, ବିନୟ କୁମାର ପୃଷ୍ଟି, ଦିବ୍ୟ ରଂଜନ ସାହୁ, ସ୍ମୃତି ରଂଜନ ବେହୁରିଆ, ନରେଶ ଚନ୍ଦ୍ର ମହାନ୍ତି, ନିଳାଦ୍ରୀ ଭୂଷଣ ସାହୁ, ସେକ ସବିର ଅଲ୍ଲୀ, ବିଚିତ୍ରାନନ୍ଦ ବେହୁରିଆ, ରାକେଶ ମହାନ୍ତି, ସତ୍ୟାନନ୍ଦ ସାହୁ, ଗୋଲକ ଚନ୍ଦ୍ର ମାଝୀ, ବିବେକାନନ୍ଦ ମହାନ୍ତି, ପ୍ରଦୀପ୍ତ କୁମାର ନାୟକ, ବିଶ୍ୱନାଥ ପଣ୍ଡା, ଜଚିନ୍ଦ୍ର ପ୍ରଧାନ, ସଂଜୟ ନାୟକ ଓ ଜିଲ୍ଲା ସୋସିଆଲ ମିଡିଆ ଇନଚାର୍ଯ୍ୟ ଭାବେ ହିରେନମୟ ମହାପାତ୍ର, ବିଭିନ୍ନ ବ୍ଲକ ସଭାପତି ଭାବେ ଧର୍ମଶାଳା କ୍ଷିତିସ ନାୟକ, ବଡଚଣା ଗଣେଶ୍ୱର ବରାଳ, ବିଂଝାରପୁର ଦିଲ୍ଲୀପ ରାଉଳ, ଦାନଗଦି ଜୟ ପ୍ରକାଶ ସାହୁ, ସୁକିନ୍ଦା ସୁଜିତ କୁମାର ରାଉତ, କୋରାଇ ପ୍ରଶାନ୍ତ ମହାପାତ୍ର, ରସୁଲପୁର ପ୍ରଫୁଲ୍ଲ କୁମାର ସାହୁ, ଯାଜପୁର ଅଂଜନ କୁମାର ମହାନ୍ତି, ଦଶରଥପୁର ମନିସ କୁମାର ସହୁ, ବରୀ ରଂଜନ କୁମାର ପଣ୍ଡା, ଯାଜପୁର ମୁନିସିପାଲଇଟି ସଭାପତି ମନୋଜ କୁମାର ସାହୁ ଓ ବ୍ୟାସନଗର ମୁନିସପାଲଟି ସଭାପତିଭାବେ ମନୋଜ କୁମାର ପରିଡାଙ୍କୁ ମନୋନୀତ କରାଯାଇଛି । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି ଜିଲ୍ଲା ସଂଗଠନର ପୁର୍ନଃ ଗଠନ କରିଛନ୍ତି ।

୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଂଚଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଲା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରାଜକ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Bhubaneswar Sunday April 24, 2022 | ଭୁବନେଶ୍ୱର ରବିବାର, ଅପ୍ରେଲ ୨୪,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଖୋର୍ଦ୍ଧାରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ ଦୁଇ ଗିରଫ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଉଗ୍ରତାରା ବସ ଷ୍ଟାଣ୍ଡ ନିକଟରେ ୨୬ କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ନାମରେ ଏନଡିପିଏସ ଆକ୍ଟରେ କେସ ରଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୮ ହଜାର ହେବ ବୋଲି ଆକଳନ କରାଯାଉଛି ।ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଆନ୍ତର୍ଗତ ଡଙ୍ଗରିକିଆ ଗ୍ରାମର ଆଶୋକ ରଣା (୨୫) ଓ ଇଲିଆସ ଦୀପା (୨୨)

ମଣ୍ଡଳ ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ପ୍ରଦର୍ଶନୀ

ଭୁବନେଶ୍ୱର,(ପି.ଏନ): ମାହାଙ୍ଗା,କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଠପଦା ସ୍ଥିତ ରଘୁନାଥ ସରକାରୀ ଉଚ୍‌ଚ ବିଦ୍ୟାଳୟ ପରିସରରେ ମାହାଙ୍ଗା ମଣ୍ଡଳ ସ୍ତରୀୟ ବିଜ୍ଞାନ ,ଗଣିତ ଓ ପରିବେଶ ପ୍ରଦର୍ଶନୀ ୨୦୨୨କୁ ମାହାଙ୍ଗା ବିଧାୟକ ତଥା ପଞ୍ଚାୟତ ରାଜ , ପାନୀୟଜଳ,ଆଇନ ଓ ଗୃହ ନିର୍ମାଣ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ।ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସହ ଅତିଥି ମାନଙ୍କୁ ବ୍ୟାଚ୍ ,ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷାଧିକାରୀ ଚ୍‌କ୍ରଧର ବେହେରା ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟ କ୍ରମରେ ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମ୍ମାନୀତ ଅତିଥି ଭାବେ କୁହୁଣ୍ଡା ସମିତ ସଭ୍ୟା ସୁପ୍ରଭା ସାମଲ, ସରପଞ୍ଚ ନଳିନୀପ୍ରଭା ପ୍ରଧାନ,ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲ୍ଲିକ,ପୂର୍ବତନ ଅଧକ୍ଷ ଶରତ କୁମାର ନାୟକ,ଜିଲ୍ଲାପରିଷଦ ସଭ୍ୟା ସୁସ୍ମିତା ଦାସ,ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରଦର୍ଶନୀ ସଂଯୋଜକ କୃଷ୍ଣ ଚ୍‌ନ୍ଦ୍ର ନାୟକ ଅଭିଭାଷଣ ପ୍ରଦାନ କରିଥିଲେ ।ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଡଃ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ ।ଉଦଯାପନୀ ଉତ୍ସବରେ ରଘୁନାଥ ସରକାରୀ ଉଚ୍‌ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିଲେ ।ପର୍ଶୁରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ନନ୍ଦ,ଜିଲ୍ଲାପରିଷଦ ସଭ୍ୟ ରିଆଯୁଲ ହୋଦା,ପୂର୍ବତନ ସମିତି ସଭ୍ୟ ହୃଷୀକେଶ ସ୍ୱାଇଁ,ପୂର୍ବତନ ସରପଂଚ୍ ହେମନ୍ତ କୁମାର ପ୍ରଧାନ,ବରିଷ୍ଠ ସାମ୍ବାଦିକ। ଅଖିଳେଶ ପଦ ମହାନ୍ତି,ମୁଖ୍ୟ ବକ୍ତା ଭାବେ ବିଡ଼ିଓ ନିହାର ରଞ୍ଜନ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ ।କୃତି କୁନି ବୈଜ୍ଞାନିକ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।ସିଆରସିସି ରାମରାମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତୀୟ ଷ୍ଟେଟ ବ୍ୟାଙ୍କରେ ସ୍ଥାୟୀ ଜମା ଅର୍ଥ ହଡପ

ବାଲେଶ୍ୱର ,(ପି.ଏନ): ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଗ୍ରାହକଙ୍କ ଫିକ୍ସ ଡିପୋଜିଟ ଅର୍ଥ ହଡପ ନେଇ ଥାନାରେ ଅଭିଯୋଗ ହୋଇଛି। ବାଲେଶ୍ୱର ସହରରେ ଥିବା ଏସ ବି ଆଇ ମୁଖ୍ୟ ଶାଖାର କିଛି ଅସାଧୁ କର୍ମଚାରୀଙ୍କ ଯୋଗୁଁ ଏବେ ବ୍ୟାଙ୍କ ଉପରେ ଗ୍ରାହକ ତଥା ଜମାକାରୀ ମାନଙ୍କ ବିଶ୍ୱାସ କ୍ରମଶଃ ତୁଟିବାରେ ଲାଗିଛି। ଯତୀନ୍ଦ୍ର ପୁହାଣ ନାମକ ଇସାନ ନଗର ଅଞ୍ଚଳର ଜୈନିକ ଜମାକାରୀ କିଛି ବର୍ଷ ତଳେ ଏହି ବ୍ୟାଙ୍କରେ ତିନୋଟି ସ୍ଥାୟୀ ଜମା (ଫିକ୍ସ ଡିପୋଜିଟ) ଏକ ବର୍ଷ ପାଇଁ ରଖିଥିଲେ। ତେବେ ୨୦୧୪ ମସିହାରୁ ସେ ଉକ୍ତ ଟଙ୍କା ଉଠାଇ ନଥିଲେ। ଏବେ ତାଙ୍କ ମାଆଙ୍କ ଶରୀର ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ସେ ଅର୍ଥ ଉଠାଇବାକୁ ଯାଇଥିବା ବେଳେ ତାଙ୍କ ସ୍ଥାୟୀ ଜମା ଅର୍ଥ ଆକାଉଣ୍ଟ ରେ ନାହିଁ ବୋଲି କହି ବ୍ୟାଙ୍କର କର୍ମଚାରୀ ଓ ମ୍ୟାନେଜର ଫେରାଇ ଦେଇଛନ୍ତି। ଏନେଇ ସେ ବାରମ୍ବାର ବ୍ୟାଙ୍କର ଚିଫ୍ ମ୍ୟାନେଜର ହେମନ୍ତ କୁମାର ବେହେରାଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଟଙ୍କା ଫେରସ୍ତ ଦେଉନାହାନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ ।

ସୂଚନା ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଚଂଳ ଉପନିର୍ଦ୍ଦେଶକଙ୍କ ଖୋର୍ଦ୍ଧା କାର୍ଯ୍ୟାଳୟ ପରିଦର୍ଶନ

ଖୋର୍ଦ୍ଧା, (ପିଏନ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ର କେନ୍ଦ୍ରାଚଂଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ (ଓଆଇଏସ)ଖୋର୍ଦ୍ଧା କାର୍ଯ୍ୟାଳୟ ପରିଦର୍ଶନ କରି ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା ଓ ତଦାରଖ କରିଥିଲେ ।ଖୋର୍ଦ୍ଧା କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସମ୍ପର୍କରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଅବଗତ କରିଥିଲେ । ବେଗୁନିଆସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ବୁଲିବା ଦେଖିବା ସହ ଖୋର୍ଦ୍ଧା କାର୍ଯ୍ୟାଳୟରେ ଥିବା ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିଥିଲେ ।ତାଙ୍କ ପରେଦର୍ଶନ ସମୟରେ ଖୋର୍ଦ୍ଧା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ସମସ୍ତ ସହାୟକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପମ୍ପ ଡ୍ରାଇଭରଙ୍କ ହକ୍ ପାଇଁ ଲଢ଼େଇ କଲା "ଆଚ୍ଛା ସଂଗଠନ"

ବାଲେଶ୍ୱର, (ପି.ଏନ): ପ୍ରତି ଘରକୁ ଜଳ ଯୋଗାଣ ପାଇଁ ସରକାର ଆରମ୍ଭ କରିଥିଲେ ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ। ଏହି ପ୍ରକଳ୍ପ ସୂଚାରୁରୁପେ ପରିଚାଳନା କରିବା ପାଇଁ ପ୍ରତି ପଞ୍ଚାୟତରେ ଜଣେ ଜଣେ ପମ୍ପ ଡ୍ରାଇଭରଙ୍କୁ ନିଯୁକ୍ତି କରାଯାଇଥିଲା। ଲୋକମାନେ କିପରି ଠିକ୍ ଭାବରେ ଜଳ ପାଇ ପାରିବେ ସେଥିପାଇଁ ସେହି ଡ୍ରାଇଭରମାନେ ପମ୍ପ ହାଉସ୍ ରେ ଦୈନିକ ୧୦ ରୁ ୧୨ ଘଣ୍ଟା ନିୟୋଜିତ କରିଥାନ୍ତି। ମାତ୍ର ସେମାନଙ୍କୁ ଦୈନିକ ମଜୁରୀ ହିସାବରେ ମଧ୍ୟ ଦରମା ମିଳୁନଥିଲା। ତେଣୁ ରେମୁଣା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ପମ୍ପ ଡ୍ରାଇଭର ମାନେ ମିଳିତ ଭାବରେ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଆବେଦନ କରିଥିଲେ।

ଗୋପବନ୍ଧୁ ନଗରରେ ରକ୍ତଦାନ ଶିବିର,୧୯ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା, (ପିଏନ) : ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ପଞ୍ଚାୟତ ଗୋପବନ୍ଧୁ ନଗର ସ୍ଥିତ ରୟାଲ କ୍ଲବ ପରିସରରେ ସାପ୍ତାହିକ ପତ୍ରିକା ନ୍ତଭୋକିଲା ପେଟ ଓ ଲୋକ ବିକାଶ ଫାଉଣ୍ଡେସନନ୍ତର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରୁ ମୋଟ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।କଟକ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ ବ୍ୟାଙ୍କ ଡାକ୍ତର ଉମାକାନ୍ତ ମହାପାତ୍ର, ମୋଟିଭେଟର ଭାଗ୍ୟଧର ସାହୁ, ଟେକନିସିଆନ ରଞ୍ଜନ କୁମାର ଦାସ, ସହାୟକ ରମେଶ ରାଉତ ଓ ବିଜୟ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।ଏହି ଶିବିରକୁ ଅବସରପ୍ରାପ୍ତ ଭାରତୀୟ ବାୟୁସେନାର ଅଧିକାରୀ ତଥା ଯୁବ ସମାଜସେବୀ ପ୍ରମୋଦ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଲୋକ ବିକାଶ ଫାଉଣ୍ଡେସନର ଅଧକ୍ଷ ସୁଧିର ଚ୍‌ନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ସରୋଜିନୀ ସାହୁ ଓ ପ୍ରମୋଦ କୁମାର ସାହୁ (ମିଟୁ) ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ ।

ପୋଖରୀରେ ବୁଡି ନବମ ଶ୍ରେଣୀ ଛାତ୍ରର ମୃତ୍ୟୁ

ଖୋର୍ଦ୍ଧା, (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମର ଜନୈକ ନବମ ଶ୍ରେଣୀର ଛାତ୍ର ପୋଖରୀକୁ ସାଙ୍ଗସାଥି ସହିତ ଗାଧୋଇବା ସମୟରେ ଅଗଭୀର ଜଳରେ ବୁଡି ମୃତ୍ୟୁ ବରଣ କରିଛି । ଯାହାକି ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯିବା ସହ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ମୁତାବକ ମାଣିବନ୍ଧ ଗ୍ରାମର ବାସୁଦେବ ନାୟକଙ୍କ ପୁଅ ସୌମ୍ୟ ସ୍ୱରୂପ (୧୫) ସବୁଦିନ ପରି ଶନିବାର ଦିନ ପୂର୍ବାହ୍ନରେ ସାଙ୍ଗସାଥିଙ୍କ ସହ ଘରର ପଛପଟରେ ଥିବା ନୂଆ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ସେ ଗାଧୋଇବା ସମୟରେ ଅଗଭୀର ଜଳରାଶି ଭିତରେ ବୁଡି ଯାଉଥିବାର ଦେଖି ସାଙ୍ଗମାନେ ଚିତ୍କାର କରିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମିତ କଳାପଥର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା ପରେ ପୋଲିସ ନିକଟରେ ଏକ ଅପମୃତ୍ୟୁ ମାଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ୍ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଥିଲା । ଏ ନେଇ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଜାରି ରଖିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ସନ୍ଧ୍ୟାରେ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା ।

ଦଳରୁ ନିଳମ୍ବନ ନେଇ କୌଶିକ ଜେନାଙ୍କ ପ୍ରତିକ୍ରିୟା

ଫୁଲନଖରା, (ପି.ଏନ):ଶାସକ ବିଜେଡ଼ି ଦଳରୁ ନିଳମ୍ବନ ହେବା ନେଇ ସିଏମସି ୫୮ ନଂ.ୱାର୍ଡ଼ ପ୍ରାକ୍ତନ କର୍ପୋରେଟର କୌଶିକ ଜେନା ନିଜର ପ୍ରତିକ୍ରିୟା ରଖିଛନ୍ତି। ଏ ନେଇ ସେ ଆଜି ତାହାଲିଆବାଗଠାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ମତ ଉପସ୍ଥାପନ କରିଛନ୍ତି। ସେ (ତାଙ୍କ ପତ୍ନୀ) ଗତ ମହାନଗର ନିଗମ ନିର୍ବାଚନରେ ଅଳ୍ପ ଭୋଟରେ ହାରିଯାଇଥିଲେ ମଧ୍ୟ ଦଳରେ ଜଣେ ଶୃଙ୍ଖଳିତ କର୍ମୀଭାବେ ରହିଛନ୍ତି ଏବଂ ତାଙ୍କର କାହା ସହିତ ମନାନ୍ତର କିମ୍ବା ମତାନ୍ତର ନାହିଁ। ତାଙ୍କ ବିରୁଦ୍ଧରେ ଯାହା ସବୁ ଶୁଣାଯାଉଛି ସେସବୁ ମିଥ୍ୟା ଓ କପୋଳକଳ୍ପିତ; ଏହା ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ରବୋଲି ସେ ସଫେଇ ଦେଇଛନ୍ତି। ଏହାଛଡ଼ା ତାଙ୍କୁ ବିନା କାରଣ ଦର୍ଶାଅ ନୋଟିସ କିମ୍ବା କୈଫିୟତ ମଗା ନଯାଇ ଏପରି ତରବରିଆ ନିଷ୍ପତ୍ତି ସମ୍ପର୍କରେ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ ଦଳରୁ ନିଳମ୍ବନ ହେବା ବିଷୟ ଗଣମାଧ୍ୟମରୁ ଜାଣିବା ପରେ ସଦର ବିଧାୟକ ଓ ଜିଲା ସଭାତିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଅପରକ୍ଷରେ ନଗର ସଭାପତିଙ୍କୁ ଏ ବାବଦରେ ଫୋନରେ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କୁଆଡ଼େ ଉତ୍ତର ଦେଇଥିବା ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ତେବେ ବର୍ତମାନ ସେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟଭାବେ ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ନିଜର ମତ ରଖିବା ସହିତ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ଦଳୀୟ ନେତୃବୃନ୍ଦଙ୍କୁ ଅନୁରୋଧ କରିଛନ୍ତି।

ଧାକୁଲେଈ ଉତ୍ସବ ଶାନ୍ତି ଶୃଙ୍ଖଳାରେ ଶେଷ

ଫୁଲନଖରା, (ପି.ଏନ): ଗତ ୧୬ ତାରିଖରୁ ୨୨ ତାରିଖ ସାତ ଦିନ ଧରି ଚାଲିଥିବା ପ୍ରତାପନଗରୀର ମା'ଧାକୁଲେଈ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରଥମ ଦିବସରେ ଆତସବାଜୀ ପ୍ରଦର୍ଶନ, ଦ୍ୱିତୀୟ ଦିବସରେ ୪୮ମଣ୍ଡଳ ସଂକୀର୍ତ୍ତନ ଓ ସମ୍ବର୍ଦ୍ଧନା ଉତ୍ସବ, ତୃତୀୟ ଦିବସରେ ୫୨ ମଣ୍ଡଳ ସଂକୀର୍ତ୍ତନ, ଚତୁର୍ଥ ଦିବସରେ ମେଲୋଡ଼ି, ୫ମ ଓ ୬ଷ୍ଠ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ୭ମ ତଥା ଉଦଯାପନ ଦିବସରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମା'ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟି ସଭାତି ପ୍ରମୋଦକୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସଦର ଏସିପି ଚନ୍ଦନ ଘଡ଼େଇ, ଆଇଆଇସି ସୁଧାଂଶୁ ଭୂଷଣ ଜେନା, କମିଟି ସମ୍ପାଦକ ପ୍ରମୋଦ ବେହେରା, ସହ ସମ୍ପାଦକ ବାଦଲକୁମାର ଜେନା, କୋଷାଧକ୍ଷ ବାଦଲକୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯାତ୍ରା ଓ ମେଳଣ ଦ୍ୱାରା ପରସ୍ପର ଭାଇଚାରା ବୃଦ୍ଧି ପାଇଥାଏବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କଟକ ସଦର ପ୍ରେସ କ୍ଲବ କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସମେତ ବିଭିନ୍ନ ଗ୍ରାମ୍ୟ କମିଟି କର୍ମକର୍ତ୍ତା, ମୁରବି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତୁଲ୍ୟ ରାଉତ, ନିରନ ରାଉତ, ନାରାୟଣ ରାଉତ, ଭଜନାନନ୍ଦ ବେହେରା, ରଣଜିତ ସ୍ୱାଇଁ, ସୁଜନ ବେହେରା, ବିଭୂତିଭୂଷଣ ବେହେରା, ଆଲୋକ ସେନାପତି, ସୁରେଶ ରାଉତ, ବିକ୍ରମ ରାଉତ, ବିକ୍ରମ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ରତାପନରୀ ଗ୍ରାମବାସୀ ଓ ସଦର ପୁଲିସ ଏଥିରେ ସହଯୋଗ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray